ଘରୋଇ କ୍ରିକେଟ୍‌କୁ ଅଣଦେଖା କରୁଥିବା ଖେଳାଳିଙ୍କ ଉପରେ ବର୍ଷିଲେ କପିଲ ଦେବ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୧ • ସଂଖ୍ୟା–୩୬ • ୨ ମାର୍ଚ୍ଚ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-36 • 2nd March 2024, Saturday • Bhubaneswar
Licensed to post without pre-payment of postage No- BN-60/22-24

# ବାବା ସାହେବ ଭୀମ ରାଓ ଆମ୍ବେଦକର ବସ୍ ଟର୍ମିନାଲ ଲୋକାର୍ପିତ

ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭୁବନେଶ୍ୱର ବରମୁଣ୍ଡାଠାରେ ୫–ଟି ଉପକ୍ରମରେ ନବନିର୍ମିତ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲର ଶୁଭ ଉଦ୍‌ଘାଟନ କରିଛନ୍ତି।

ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭାବେ ପୂର୍ବରୁ ପରିଚିତ ଥିବା ଏହି ବସ୍‌ଷ୍ଟାଣ୍ଡ ଓଡ଼ିଶାର ଏକ ବ୍ୟସ୍ତବହୁଳ ବସ୍‌ଷ୍ଟାଣ୍ଡ। ଦୈନିକ ଶହ ଶହ ବସ୍ ଓ ହଜାର ହଜାର ଯାତ୍ରୀଙ୍କର ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଓ ରାଜ୍ୟ ବାହାରକୁ ଯାତାୟାତ ହୋଇଥାଏ। ଯାତ୍ରୀମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ବରମୁଣ୍ଡା ବସ୍‌ଷ୍ଟାଣ୍ଡର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।



୫–ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତ□ତ୍ତ୍ୱାବଧାନରେ ଏହା ଅତ୍ୟାଧୁନିକ ବସ୍ ଟର୍ମିନାଲ ଭାବେ ବିକଶିତ କରାଯାଇଛି। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶ୍ରୀ ପାଣ୍ଡିଆନ ଅନେକ ଥର ନିର୍ମାଣ ସ୍ଥଳକୁ ଯାଇ କାର୍ଯ୍ୟର ଆଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ।

ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବସ୍ ଟର୍ମିନାଲ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ସଫଳ ହେବ ଏବଂ ଭୁବନେଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବା ସହିତ ସାରା ଓଡ଼ିଶାରେ ଏକ ନୂଆ ପରିଚୟ ହେବ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଥିଲା। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ତାଙ୍କ ନାମରେ ଏହି *(ପୃଷ୍ଠା ୭ରେ)*

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ଆତ୍ମା ସଶକ୍ତ ହେଲେ ଶାନ୍ତିପୂର୍ଣ୍ଣ ସମାଜ ଗଠନ ହୋଇପାରିବ : ମହାମହିମ ରାଷ୍ଟ୍ରପତି

କଟକ, ୧।୩ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସେବାକୁ ୫୦ ବର୍ଷ ପୂରିଲା। କଟକ ସହରରୁ ୧୯୭୩ ମସିହାରେ ଆରମ୍ଭ ହୋଇଥିବା ଏହି ସେବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଆଧାତ୍ମିକ ସେବାର ଆବଶ୍ୟକତା, ପ୍ରସଙ୍ଗିକତା ଓ ମହତ୍ତ୍ୱ ଉପରେ ଆଲୋକପାତ କରିଛନ୍ତି । ରାଜଯୋଗ ମାଧ୍ୟମରେ ମଣିଷ ନିଜର ଆତ୍ମାକୁ ସଶକ୍ତ କରିପାରିବ ଓ ଆଜିକାର ଅଶାନ୍ତ ବାତାବରଣ ଭିତରେ ଆତ୍ମା ସଶକ୍ତ ହେଲେ ହିଁ, ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ ହୋଇପାରିବ। ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ରାଜ୍ୟରେ ଅବିରତ ଭାବରେ ଏହି ସେବା ହିଁ କରାଯାଉଛି । ବ୍ୟକ୍ତି ଚରିତ୍ର ପରିବର୍ତ୍ତନ କାମ ବ୍ରହ୍ମାକୁମାରୀ ସଂଗଠନ ବେଶ ପ୍ରଭାବଶାଳୀ ଢଙ୍ଗରେ କରିଛି । ଆଉ ଏହି ବ୍ୟକ୍ତି ଚରିତ୍ର ପରିବର୍ତ୍ତନ ହେଲେ, ସମାଜରେ, ରାଜ୍ୟରେ, ଦେଶରେ ଓ ବିଶ୍ୱରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ନିଜ ଅଭିଭାଷଣରେ କହିଛନ୍ତି ରାଷ୍ଟ୍ରପତି । ରାଜଯୋଗ ଦ୍ୱାରା ମାନସିକ ଶାନ୍ତି ଆଣି ସାମାଜିକ ଓ ଅର୍ଥନୈତିକ *(ପୃଷ୍ଠା ୭ରେ)*




# ୧୧୫୨ ନୂଆ ଅଧ୍ୟାପକ, ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୫୨ ନୂଆ ଅଧ୍ୟାପକ, ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଯେଉଁଥିରେ ରହିଛନ୍ତି ୯୭୭ ଅଧ୍ୟାପକ, ୮୭ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଫିସର, ୫୭ ସମବାୟ ସମିତି ନିରୀକ୍ଷକ, ସୂଚନା ଓ ଲୋକ ସଂପର୍କ ବିଭାଗର ୩୧ ଜଣ କର୍ମଚାରୀ। ନିଜ ନିଜ ଚାକିରି କ୍ଷେତ୍ରରେ ୫–ଟି ଉପକ୍ରମରେ ଲୋକଙ୍କ ସେବା କରିବାକୁ ଏହି ଅବସରରେ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ନୂଆ ଅଧ୍ୟାପକ ଓ ଅଫିସରଙ୍କ ପ୍ରତିଭା, ପ୍ରତିଶ୍ରୁତି ଓ କଠିନ *(ପୃଷ୍ଠା ୭ରେ)*




TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ୫ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ, ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧।୩
ନ୍ୟୁଜ୍ ବ୍ୟୁରୋ

ଆଗାମୀ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର *(ପୃଷ୍ଠା ୭ରେ)*





30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ ମାର୍ଚ୍ଚ ୨୦୨୪ ଶନିବାର





# ନିଶ୍ଚିନ୍ତକୋଇଲିରେ ଲକ୍ଷ୍ମୀ ବସ୍ ଶୁଭାରମ୍ଭ ଓ ସ୍ୱୟଂସହାୟକ ଗୋଷ୍ଠୀକୁ ୮୯ ଲକ୍ଷ ଟଙ୍କାର ସହାୟତା ପ୍ରଦାନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ କରକମଳରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ବିଧାୟକଙ୍କ ଦ୍ୱାରା ୧୪୯୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୮୯ ଲକ୍ଷ ଉର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ବିରାଟ ମହିଳା ସମାବେଶରେ ନିଶ୍ଚିନ୍ତକୋଇଲି ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସତ୍ୟଭାମା ବିଶୋଇ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ରୂପେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦାନ କରି ମହିଳା ମାନଙ୍କର ସାମଗ୍ରିକ ବିକାଶ ଓ ମହିଳାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କର ଅର୍ଥ ନୈତିକ ସାମାଜିକ ବିକାଶ କରାଇବା ଦିଗରେ ନବୀନ ସରକାର କାର୍ଯ୍ୟକାରୀ କରିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ସଚେତନ ଓଡ଼ିଶାର ଭୋଟରମାନେ ନବୀନ ସରକାର ପ୍ରତି ସହଯୋଗର ହାତ ବଢାଇବା ନିମନ୍ତେ ବିଧାୟକ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଜେନା ବହୁ ପ୍ରତିକ୍ଷିତ ୨ଟି ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ । ଏହି ବସ୍ ଗମନା ଗମନ କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଗମନା ଗମନ ତଥା



ଯୋଗାଯୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଅବସରରେ ବିଧାୟକ ଶ୍ରୀ ଜେନା ବ୍ଲକ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଧାୟକ ଶ୍ରୀ ଜେନା ବ୍ଲକରେ ଥିବା ୪୧ଟି ଗ୍ରାମପଞ୍ଚାୟତର ୧୪୯୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରାୟ ୮୯ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ । ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଡ୍ରେସ୍‌କୋଡ ନିମନ୍ତେ ୧ ହଜାର ଟଙ୍କା ଲେଖାଏଁ ଅର୍ଥ ସେମାନଙ୍କ ଜମା ଖାତାକୁ ପଠାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ଭୂପତି ଭୂଷଣ ଷଣ୍ଢ, ଜସ୍ମିତା ସେଠୀ, ଜ୍ୟୋତି ପ୍ରକାଶ ସ୍ୱାଇଁ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଅମ୍ରିତା ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୋଦ କୁମାର ସ୍ୱାଇଁ, ଜ୍ଞାନରଞ୍ଜନ ରାଉତ, ରାଜେଶ କୁମାର ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ||||||||||| ସାଧାରଣ ନିର୍ବାଚନ–୨୦୨୪ ପାଇଁ ପ୍ରସ୍ତୁତି |||||||||||

# ମାନବ ସମ୍ବଳ ପରିଚାଳନା ସମୀକ୍ଷା କଲେ ଜିଲ୍ଲାପାଳ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନ–୨୦୨୪ ଉପଲକ୍ଷେ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ପର୍ଯ୍ୟାୟରେ ପୁରାଦମ୍‌ରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ମାନବ ସମ୍ବଳ ପରିଚାଳନା ନେଇ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ଓ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ,



ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, କଲେଜ ଆଦିର ସମସ୍ତ କର୍ମଚାରୀମାନଙ୍କ ନାମ ତାଲିକା ବିଭାଗୀୟ ମୁଖ୍ୟ ମାନଙ୍କ ଦ୍ୱାରା ଠିକ୍ ଭାବେ ପ୍ରଦାନ କରାଯାଇଛି କି ନାହିଁ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ବିଶେଷ କରି ମତଦାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବାକୁଥିବା ପୋଲିଂ ଅଧିକାରୀ ମାନଙ୍କର ତାଲିମ୍ ଓ ପୋଲିଂ ବୁଥ୍‌ରେ କାର୍ଯ୍ୟ ପରିଚାଳନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବାକି ରହିଯାଇଥିବା କର୍ମଚାରୀମାନଙ୍କ ନାମ ତାଲିକା ତୁରନ୍ତ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲାର ସମସ୍ତ ସରକାରୀ ବିଭାଗୀୟ ମୁଖ୍ୟ ଓ ସମସ୍ତ କଲେଜର ଅଧ୍ୟକ୍ଷ ଅଧ୍ୟକ୍ଷାମାନେ ଉପସ୍ଥିତ ଥିଲେ ।

# ବିନିକାକୁ ସବ୍‌ଡିଭିଜନ ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳିତ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସକାଳ ୬ ଘଣ୍ଟାରୁ ସନ୍ଧ୍ୟା ୬ ଟା ବିନିକା ଅଞ୍ଚଳବାସୀ ପକ୍ଷରୁ ବିନିକା ସହରକୁ ସବ୍‌ଡିଭିଜନ୍ ଦାବି ନେଇ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି । ଭୋର୍ ସକାଳ ୬ଟାରୁ ବିନିକା ଅଞ୍ଚଳବାସୀ ଏକତ୍ରିତ ହୋଇ ବିନିକା – ସୋନପୁର ମୁଖ୍ୟରାସ୍ତା ଏମଡିଆର ୩୯ ବିନିକା ମହାନଦୀ ଛକ ଠାରେ ଟାୟାର ଜାଳି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦିନ ୧୦ ଘଣ୍ଟା ସମୟରେ ଜନସାଧାରଣ ସମସ୍ତ କାର୍ଯ୍ୟାଳୟ ଗୁଡ଼ିକୁ ବନ୍ଦ ରଖିବାକୁ ଅନୁରୋଧ କରିଥିଲେ । ରାସ୍ତାରୋକ ହେବା ଫଳରେ ରାସ୍ତାରେ ଶହ ଶହ ଗାଡ଼ି ମଟର ଅଟକି ରହିଥିବାରୁ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଜରୁରୀ କାଳୀନ ସେବାକୁ ବାଦ ଦେଇ ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ ଅଫିସ, ଦୋକାନ, ବଜାର ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥବାରୁ ଜୀବନ ଯାତ୍ରା ବ୍ୟାହାତ ହୋଇଥିଲା । ସୂଚନାଯୋଗ୍ୟ ସୁବର୍ଣ୍ଣପୁର ଜିଲ୍ଲାର ଦ୍ୱିତୀୟ ସର୍ବ ବୃହତ ବାଣିଜ୍ୟ କେନ୍ଦ୍ର ହେଉଛି ବିନିକା ସୁବର୍ଣ୍ଣପୁର ଜିଲ୍ଲା ଗଠନ ହେବା ପରେ ବିନିକାକୁ ସବ୍‌ଡିଭିଜନ୍ ମାନ୍ୟତା ସହ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ସ୍ତରରେ କସରତ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଦିର୍ଘ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ଏସବୁ ଦୀର୍ଘ ଦିନର ଦାବି ରାଜନେତିକ ପେଡ଼ିରେ ବାନ୍ଧିହୋଇ ରହିଥିବା ଆଲୋଚନା ହେଉଛି । ବିନିକା ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ଦାବି ବିନିକା ସବ୍‌ଡିଭିଜନ ଘୋଷଣା । ପ୍ରକାଶ ଥାଉକି, ରାଜ୍ୟ ସରକାର ରାଜ୍ୟରେ କିଛି ସବ୍‌ଡିଭିଜନ୍ ବୃଦ୍ଧି କରିବାକୁ ପ୍ରସ୍ତାବ ଗ୍ରହଣ କରି ଏକ ନାମ ତାଲିକା ପ୍ରକାଶ କରିଥିଲେ । ଯେଉଁଥିରେ ବିନିକା ନାମ ତୃତୀୟ ସ୍ଥାନ ରହିଥିବା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା । ଗତ ବିନିକା ପଞ୍ଚାୟତ ସମିତି ଓ ଏନଏସି ନିର୍ବାଚନ ପରେ ବିନିକା ଏନଏସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଓ ବିନିକା ପଞ୍ଚାୟତ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ତଥା ବିନିକା ଅଞ୍ଚଳର ଜନସାଧାରଣଙ୍କ ଦାବିକୁ ଗୁରୁତ୍ୱ ଦେଇ ୫–ଟି ସଚିବକୁ ଭେଟି ବିନିକାକୁ ଶିଘ୍ର ସବ୍‌ଡିଭିଜନ୍ ମାନ୍ୟତା ଦେବାକୁ ଲିଖିତ ନିବେଦନ କରିଛନ୍ତି । ବିନିକା ସହରରେ ପ୍ରଥମ ଶ୍ରେଣୀ ବିଚର ବିଭାଗୀୟ ଅଦାଲତ, ତହସିଲ କାର୍ଯ୍ୟାଳୟ, ପଞ୍ଚାୟତସମିତି କାର୍ଯ୍ୟାଳୟ, ବିନିକା ଏନଏସି, ଅଗ୍ନିଶମ ବିଭାଗ, ଥାନା, ଅବକାରୀ ଥାନା, ବିଦ୍ୟୁତ ବିଭାଗ ଏସଡ଼ିଓ , ବନ ବିଭାଗ ରେଞ୍ଜର, ଆରଡ଼ି ଏସଡ଼ିଓ, ପିଡ଼ବ୍ଲୁଡ଼ି ଏସଡ଼ିଓ, କେନ୍ଦୁଲିଫ କାର୍ଯ୍ୟାଳୟ, ଏକାଧିକ ରାଷ୍ଟ୍ରୀୟ ବ୍ୟାଙ୍କ, ପ୍ରାଣୀ ଚିକିତ୍ସାଳୟ, ଉପନିବନ୍ଧକ, ପୋଷ୍ଟଅଫିସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶବ ବ୍ୟବଚ୍ଛେଦ କେନ୍ଦ୍ର, ଆଦର୍ଶ ବିଦ୍ୟାଳୟ, ବିଇଓ କାର୍ଯ୍ୟାଳୟ, ବିଏଓ, ସିଡ଼ିପିଓ କାର୍ଯ୍ୟାଳୟ, ମିଶନ ଶକ୍ତି, ଉଦ୍ୟାନ ବିଭାଗ, କାର୍ଯ୍ୟାଳୟ ଗୁଡ଼ିକ ରହି ସେବା ଯୋଗାଉଛନ୍ତି । ଏହି ଐତିହାସିକ ସହର ରାଜା ରାଜୁଡ଼ା ସମୟରେ ସବ୍‌ଡିଭିଜନ୍ ରହିଥିଲା । ବିନିକା ସବ୍‌ଡିଭିଜନ ମାନ୍ୟତା ପାଇବା ପାଇଁ ସମସ୍ତ ଯୋଗ୍ୟତା ରହିଛି ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

# ବାସଗୃହ ଉଚ୍ଛେଦ ପାଇଁ ସ୍ଥଗିତାଦେଶ ଦେଲେ ଉଚ୍ଚ ନ୍ୟାୟାଳୟ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ତହସିଲ ବାଲିଆପଦା ଗ୍ରାମରେ ଥିବା ଏକ ବାସ ଗୃହକୁ ଉଚ୍ଛେଦ ନିମନ୍ତେ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଛନ୍ତି । ବାଲିଆପଦା ଗ୍ରାମର ପବିତ୍ର ଦାସ ଜଣେ ଭୂମିହୀନ ଓ ଗରିବ ଶ୍ରେଣୀୟ ଲୋକ ଅଟନ୍ତି । ଗତ ୧୯୯୯ ମହାବାତ୍ୟାରେ ପବିତ୍ର ରହୁଥିବା ଘର ଭାଙ୍ଗି ଯାଇଥିଲା । ଫଳରେ ମହାବାତ୍ୟା ପରେ ତାଙ୍କର ଘର ଭାଙ୍ଗିଯିବାରୁ ପବିତ୍ର ଜଳ ସମ୍ପଦ ବିଭାଗର ଖାତା ନଂ ୧୦୦୫, ପ୍ଲଟ୍ ନଂ ୧୯୩୮ରେ ଏକ ଗୃହ ନିର୍ମାଣ କରି ସପରିବାର ରହିଆସୁଥିଲେ । ମାତ୍ର ଏହି ଗୃହ ଉଚ୍ଛେଦ ନିମନ୍ତେ ସ୍ଥାନୀୟ କେତେକ ବ୍ୟକ୍ତି ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଏହି ଗୃହକୁ ଭଙ୍ଗାଯିବା ନିମନ୍ତେ ଓଡିଶା ଉଚ୍ଚ ନ୍ୟାୟାଳୟ ଫେବୃୟାରୀ ୨୮ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ । ମାତ୍ର ପବିତ୍ର ଏସମ୍ପର୍କରେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହେବା କାରଣରୁ ଓଡିଶା ଉଚ୍ଚ ନ୍ୟାୟାଳୟ ଏହି ଗୃହ ଉଚ୍ଛେଦକୁ ୨ ସପ୍ତାହ ପାଇଁ ସ୍ଥଗିତାଦେଶ ଜାରି କରିଥିବାର ଜଣାଯାଇଛି । ଅଦାଲତଙ୍କ ନିଦେଶକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପୂର୍ବକ ନିଶ୍ଚିନ୍ତକୋଇଲି ତହସିଲ ତରଫରୁ ଗୃହ ଉଚ୍ଛେଦକୁ ବନ୍ଦ କରାଯାଇଛି । ଅପରପକ୍ଷରେ ଏସମ୍ପର୍କରେ ନ୍ୟାୟ ପାଇବା ନିମନ୍ତେ ପବିତ୍ର ମୁଖ୍ୟମନ୍ତ୍ରୀ ଓ ୫–ଟି ସଚିବଙ୍କ ଦ୍ୱାରସ୍ଥ ହୋଇଥିବାର ଜଣାଯାଇଛି ।

# ଯାଜପୁର ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରୋତ୍ସାହନର ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣାଙ୍କ ପୌରୋହିତ୍ୟରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି



ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଂଜୁଲତା ହୋତା ଯୋଗଦେଇ କହିଲେ ଯେ, ଆଶା ଏବଂ ଗାଁ କଲ୍ୟାଣ ସମିତି ସ୍ୱାସ୍ଥ୍ୟ ସେବା ପ୍ରଦାନର ମୂଳ ଭିତ୍ତିଭୂମି ଅଟେ । ମହିଳାମାନେ ସର୍ବୋପରି ଆଶା ଦିଦି, ଅଙ୍ଗନୱାଡ଼ି କର୍ମୀ ସମାଜର ତୃଣମୂଳ ସ୍ତରରେ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନାର ସଫଳତା ସେମାନଙ୍କ ଉପରେ ହିଁ ନିର୍ଭର କରିଥାଏ । ସମ୍ମାନିତ ଅତିଥି ଭାବେ ଡେପୁଟୀ କଲେକ୍ଟର ସୁମନ ଦାସ, ପ୍ରଶାସନିକ ଅଧିକାରୀ କ୍ଷୀରୋଦ କୁମାର ଦାସ, ଏଡିପିଏଚ୍‌ଓ (ଟିବି) ଡା. ଦେବରାଜ ହାଂସଦା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବିତା ଟ୍ୟାଉ ପଟ୍ଟନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଡିପିଏମ୍) ବନବିହାରୀ ମିଶ୍ର ଯୋଗଦେଇ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୨୦୨୩–୨୪ ବର୍ଷରେ ସର୍ବଶ୍ରେଷ୍ଠ ଅବଦାନ ପାଇଁ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଗୌରପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନ ଇଛାପୁର ଗ୍ରାମର ଆଶାକର୍ମୀ ପ୍ରମିଳା ସାହୁଙ୍କୁ ପ୍ରଥମ, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସାହୁପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନ ସାହୁପଡା ଗ୍ରାମର ଆଶାକର୍ମୀ ପୁଷ୍ପଲତା ମଲ୍ଲିକଙ୍କୁ ଦ୍ୱିତୀୟ ଏବଂ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଜାରକା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନ ପଣ୍ଡୁଆ ଗ୍ରାମର ଆଶାକର୍ମୀ ମନୋରମା ଓଝାଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି । ଏଥି ସହିତ ଜିଲ୍ଲାର ୨୦୨୩–୨୪ ବର୍ଷ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରୀୟ ୧୧ ଜଣ ଆଶାକର୍ମୀଙ୍କୁ ପ୍ରଥମ ପୁରସ୍କାର, ୧୧ ଜଣ ଆଶା କର୍ମୀଙ୍କୁ ଦ୍ୱିତୀୟ ପୁରସ୍କାର ଏବଂ ୧୧ ଜଣ ଆଶାକର୍ମୀଙ୍କୁ ତୃତୀୟ ପୁରସ୍କାରରେ ସମ୍ମାନିତ କରାଯିବା ସହ ୨୦୨୩–୨୪ ବର୍ଷ ପାଇଁ ଗାଁ କଲ୍ୟାଣ ସମିତି, ବାଣପୁର, କନିକାପଡା, ଜାମପଡା, ବାଙ୍ଗରକୋଟା, ଦେଉଳି, ନଥୁଆବର, ସମିଆ, ଅଳତିରି, ଖରଡି ଏବଂ ଆଉଁରୀ ଗାଁ କଲ୍ୟାଣ ସମିତିକୁ ନେଇ ୧୦ ଗୋଟି ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଡ୍ୟାମ୍ ସରୋଜକାନ୍ତ ଦାସ, ଡିଡିଏମ୍ ମଧୁସ୍ମିତା ପାଢୀ, ଏଏମ୍‌ସିପି ନେତ୍ରାନନ୍ଦ ଜେନା, ଏଏମ୍‌କ୍ୟୁଏ ଲୋପାମୁଦ୍ରା ଦାସମହାପାତ୍ର, ଆଇସିଏ ଶୁଭ୍ରଜିତ୍ ପୃଷ୍ଟି, ପିପିଏମ୍ ମାନସ ରଂଜନ ସାମଲ, ସିସିଟି ରମେଶ ଚନ୍ଦ୍ର ମିଶ୍ର, ଡିଭିଏଲ୍‌ଏମ୍ କଳ୍ପନା ଦାସ, ଏପିଏମ୍ ଭାବଗ୍ରାହୀ ମିଶ୍ର, ଡିପିଏଚ୍‌ସିଓ ସ୍ମୃତିଲତା ବିଶ୍ୱାଳ, ଏଡିପିଏଚ୍‌ସିଓ ସଂଯୁକ୍ତା ପଣ୍ଡା, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଜନ ପ୍ରତିନିଧି, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ପଦାଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

# ବାପ ପୁଅଙ୍କ ମାଡ଼ରେ ବୃଦ୍ଧା ଗୁରୁତର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ମନ୍ଦିର ପାଇଁ ରଖାଯାଇଥିବା ଚିପ୍ସକୁ ନେବାବେଳେ ବାରଣ କରିବାରୁ ଜଣେ ବୃଦ୍ଧାଙ୍କୁ ରାଇଘର ଥାନା ପାରୁଆ ପଞ୍ଚାୟତ ଶାସ୍ତ୍ରୀନଗର ଗାଁର ବାପପୁଅ ସମେତ ୩ ଜଣ ଆକ୍ରମଣ କରିଛନ୍ତି । ଏଥିରେ ବୃଦ୍ଧାଜଣଙ୍କ ଗୁରୁତର ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ଆହତ ବୃଦ୍ଧା ଜଣଙ୍କ ହେଲେ ଗାଁର ରାଜନ୍ତି ଗଣ୍ଡ । ଏନେଇ ରାଇଘର ଥାନାରେ ଏତଲା ଦିଆଯାଇଛି । ଥାନାରେ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ କହିଛି । ଶାସ୍ତ୍ରୀନଗର ଠାରେ ମନ୍ଦିର ନିର୍ମାଣ ପାଇଁ ରଖାଯାଇଥିବା ଚିପ୍ସକୁ ଗାଁର ଜଣେ ବ୍ୟକ୍ତି ନେଉଥିବା ବେଳେ ବୃଦ୍ଧା ଜଣଙ୍କ ବାରଣ କରିଥିଲେ । ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଏବଂ ତାଙ୍କ ୨ ପୁଅ ମିଶି ପ୍ରଥମେ ପାଟିତୁଣ୍ଡ କରିଥିଲେ । ପରେ ଏହା ଉଗ୍ରରୂପ ନେଇଥିଲା । ୩ଜଣ ଯାକ ବୃଦ୍ଧାଙ୍କୁ ବାଡେଇ ତାଙ୍କ ହାତ ଭାଙ୍ଗି ଦେଇଥିବା ଏତଲାରେ ଉଲ୍ଲେଖ ରହିଛି । ବୃଦ୍ଧାଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ରାଜନ୍ତିଙ୍କୁ ଉଦ୍ଧାରକରି ପ୍ରଥମେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଉମରକୋଟ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି ।



# ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର 'ଜେଲ୍ ଭରୋ' ଆନ୍ଦୋଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ କଂଗ୍ରେସ ଓ ନଗର କଂଗ୍ରେସ ମିଳିତ ଉଦ୍ୟମରେ ମାଟି ପାଇଁ ଜେଲ୍ ଭରୋ ଆନ୍ଦୋଳନ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା ଓ ଘେରାଉ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ ହସ୍‌ପିଟାଲ ସ୍ଥାପନ, କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ବିଷୟରେ ରାଜ୍ୟ ସରକାରଙ୍କ ଓ ସ୍ଥାନୀୟ ନେତୃ ମଣ୍ଡଳୀଙ୍କ ଅସହଯୋଗ ପରିପ୍ରେକ୍ଷୀରେ ଜନ ଅସନ୍ତୋଷକୁ କଂଗ୍ରେସ ସମର୍ଥନ ଜଣାଇ ଏହି ଆନ୍ଦୋଳନ ଡାକରା ଦେଇଥିଲା । ବହୁ ସଂଖ୍ୟକ କଂଗ୍ରେସ କର୍ମୀ ବାଇକ୍ ରାଲିରେ ତିନିମୁହାଣୀ ଠାରୁ ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସଭାରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ଦେବେନ୍ଦ୍ର ଶର୍ମା, ଚିନ୍ମୟ ବେହୁରା, ଜିଲ୍ଲା ସଭାପତି ଲୋକନାଥ ମହାରଥୀ, ଜିଲ୍ଲା ମୁଖପାତ୍ର ପ୍ରଫୁଲ୍ଲ ଦାସ, ପାଟକୁରା ନିର୍ବାଚନ ମଣ୍ଡଳୀର ନେତା ରତୀକାନ୍ତ କାନୁନ୍‌ଗୋ, ମହମ୍ମଦ ଆକବର ଅଲ୍ଲୀ, କାଉନ୍‌ସିଲର ରମେଶ ଦାସ, ମୁକ୍ତାର ଖାନ୍, ହିବଜୁବୁର ରହେମାନ, ସୌମେନ୍ଦ୍ର ପୃଷ୍ଟିଙ୍କ ସମେତ ପ୍ରଦ୍ୟୁମ୍ନ କୁମାର ଜେନା, ମିର୍ ମୁରସିଦ୍, ପ୍ରଭାତ କୁମାର ଉଡାନ ସିଂହ, ରାଜେଶ ମହାନ୍ତି, ପରୱେଜ ଅଖତର, ମିଡିଆ ସେଲର ବିଧୁ ଭୂଷଣ ମହାପାତ୍ର, ବସନ୍ତ ସେଠୀ, ଇଂ ସିଦ୍ଧାର୍ଥ ଦାସ ପ୍ରମୁଖ ବକ୍ତବ୍ୟ ରଖି ଉପସ୍ଥିତ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ପରେ ପରେ କଂଗ୍ରେସ କର୍ମୀମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗି ଜିଲ୍ଲା କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଏମାନଙ୍କୁ ଗିରଫ କରିଥିଲା ।

# ମହିଳାମାନଙ୍କ ଉନ୍ନତି ପାଇଁ ବିକାଶର ପେଡ଼ି ଖୋଲି ଚାଲିଛନ୍ତି ମୁଖ୍ୟମନ୍ତ୍ରୀ:ଉଚ୍ଚ ଶିକ୍ଷାମନ୍ତ୍ରୀ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

୨୦୨୪ ମସିହାରେ ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବେ । ଓଡ଼ିଶାବାସୀଙ୍କ ଆଶିର୍ବାଦ ତାଙ୍କ ଉପରେ ଅଛି । ମା' ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କର ଯୋଜନା ପରେ ଯୋଜନା ଘୋଷଣା ଓ ବିକାଶର ପେଡ଼ି ଖୋଲିବା ଦ୍ୱାରା ମହିଳାମାନେ ଉପକୃତ ହେଉଛନ୍ତି । ବିଜୁ ବାବୁଙ୍କର ଏ ଅଞ୍ଚଳ ଥିଲା କର୍ମଭୂମି । ମହାକାଳପଡ଼ାର ଶଙ୍ଖନାଦ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଦେବ ବୋଲି ଏକ ସାଧାରଣ ସଭାରେ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ଓ ଉଚ୍ଚଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି । ଘରେ ଘରେ ଲକ୍ଷ୍ମୀ ଯୋଜନା ଦ୍ୱାରା ମା' ମାନେ ସୁବିଧା ପାଇପାରିବେ । ଅଞ୍ଚଳର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ । ଏହି ଅବସରରେ ବିଜୁ ବାବୁଙ୍କ ସହକର୍ମୀ ତଥା ବରିଷ୍ଠ ବିଜେଡ଼ି ନେତା ତଥା ବ୍ଲକ ସଭାପତି ଶ୍ରୀଧର ସାମଲଙ୍କୁ ସଭା ମଞ୍ଚରେ ଆଣେଇ ପ୍ରଣାମ କରିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ପୂର୍ବାହ୍ନ ସାଢେ ୧୦ଟା ବେଳେ ପ୍ରଥମେ ଜମ୍ବୁ ପଞ୍ଚାୟତ ଗସ୍ତ କରି ଜମ୍ବୁ ଠାରେ ବିବେକାନନ୍ଦ କ୍ଲବର ନୂତନ ଗୃହ, ମାର୍କେଟ କମ୍ପ୍ଲେକ୍ସର ନୂତନ ଗୃହ ଓ ଭାଟେଣୀ ଠାରୁ ଉତ୍ତର ଜମ୍ବୁ ପର୍ଯ୍ୟନ୍ତ ୫ କିମି ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ପରେ ମହାକାଳପଡା ବ୍ଲକର କଂସାର



ବଡଦାଣ୍ଡୁଆ ଓ ସୁନିତୀ, ଜମ୍ବୁ, ନାଞ୍ଜୁରା ଆଦି ପଞ୍ଚାୟତକୁ ଯୋଗାଯୋଗ କରୁଥିବା ଗୋବରୀ ନଦୀ ଉପରେ ମିଳନମୋଡ ସେତୁକୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଜନସାଧାରଣ ମାନଙ୍କ ନିମନ୍ତେ ଲୋକାର୍ପିତ କରିଛନ୍ତି । ପୂର୍ତ୍ତବିଭାଗ ପକ୍ଷରୁ ୧୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ସେତୁଟି ପୂର୍ଣ୍ଣାଙ୍ଗ ହେବା ଦ୍ୱାରା ଉଭୟ ପଞ୍ଚାୟତର ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ । ସୁନିତୀ ଠାରୁ ବେଣାକନ୍ଧା ପର୍ଯ୍ୟନ୍ତ ୫ କିମି ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ସେହିପରି ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସୁନିତୀ ପଞ୍ଚାୟତର ବେଣାକନ୍ଧା କୃଷି ପ୍ରାଥମିକ ସେବା ସମବାୟ ସମିତିର ନୂତନ ଗୃହର ଶୁଭ ଶିଳାନ୍ୟାସ କରିଥିଲେ । ସୁନିତୀ ଠାରୁ ଶାସନପେଟା ପର୍ଯ୍ୟନ୍ତ ୫ କିମି ଲୁଣାଘେରୀ ତଟବନ୍ଧ ରାସ୍ତାର ଶୁଭ ଶିଳାନ୍ୟାସ କରିବା ସହ ସାଢେ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାବର–ଜମ୍ବୁ ପୂର୍ତ୍ତବିଭାଗ ରାସ୍ତାର ଲୋକାର୍ପଣ କରିଥିଲେ । ସେହିପରି ମନ୍ତ୍ରୀ ଶ୍ରୀ ନାୟକ ତରପଦା ଠାରେ ଗୋବରୀ ନଦୀ ଉପରେ ଏକ ନୂତନ ସେତୁର ଶୁଭ ଶିଳାନ୍ୟାସ କରିଥିଲେ । ଏହି ଅବସରରେ ମିଳନମୋଡ ସେତୁ ନିକଟରେ ଯୁବନେତା ଉଦୟନାଥ ଦାସଙ୍କ ସଂଯୋଜନାରେ ଏକ ବିରାଟ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉଦୟନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ, କନିଷ୍ଠ ଯନ୍ତ୍ରୀ ଦେବାଶିଷ ସାମଲ, ନଦୀତଟବନ୍ଧ ବିଭାଗର ସହକାରୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ରଜତ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଜ୍ଞାନେନ୍ଦୁ ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମହାକାଳପଡା ଶାଖା ପରିଚାଳକ ଅକ୍ଷୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ବିଡିଓ ସାଗର ନନ୍ଦ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଜିଲ୍ଲା ପରିଷଦ ସଭ୍ୟ ଅପୁ ପରିଡା , ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁରଭି ଜେନା, ପୂର୍ବତନ ସରପଞ୍ଚ ଦେବଦତ୍ତ ପରିଡା, ଆତ୍ମା ଅଧ୍ୟକ୍ଷ ବିଜୟ ଜେନା, ସମାଜସେବୀ କୈଳାସ ଚନ୍ଦ୍ର ରାଉତ, ପୂର୍ବତନ ସରପଞ୍ଚ ଗଗନ ବିହାରୀ ପ୍ରଧାନ, ମନୋଜ କୁମାର ପାତ୍ର, ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ, ସୁନତୀ ସରପଞ୍ଚ ଭାଗବତୀ ମଣ୍ଡଳ, ଗଗୁଆ ସରପଞ୍ଚ ପ୍ରମୋଦ କୁମାର ଦାସ, ବଢିହି ସରପଞ୍ଚ ଅହଲ୍ୟା ଦାସ, ବାରଡାଙ୍ଗ ପଞ୍ଚାୟତର ସରପଞ୍ଚ ଅରବିନ୍ଦ ଜେନା, ଦୈତାରୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭାରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ୫ ଟି ପଞ୍ଚାୟତର ପ୍ରାୟ ୪୮୮ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରିଥିଲେ ।

# ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ଗଜଜ୍ୟୋତି ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ପାରଳାଖେମୁଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ସେଞ୍ଚୁରିୟାନ ୟୁନିଭରସିଟିର ଗତ ଚାରିଦିନ ଧରି ଚାଲିଥିବା ଗଜଜ୍ୟୋତି ଉତ୍ସବ ମହାଆଡମ୍ବର ଓ ରଙ୍ଗାରଙ୍ଗ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ସବୁ ଚିତାକର୍ଷକ ଭାବେ ପ୍ରଦର୍ଶିତ ହୋଇଥିଲା । ଦ୍ୱିତୀୟ ଦିନରେ ଓଡିଶୀ ସହ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ତୃତୀୟ ଦିନରେ କୀଚକ ରାମାୟଣ ଏବଂ ଲାଇଟ ଏଣ୍ଡ ସାଉଣ୍ଡ ସୋ କରାଯାଇଥିଲା । ବିଭିନ୍ନ ବିଭାଗର ଅଧ୍ୟାପକ ଏବଂ ଅଧ୍ୟାପିକାଗଣ ମଧ୍ୟ ନିଜର କଳା କୌଶଳ ପରିବେଶଣ କରିଥିଲେ । ଗଜଜ୍ୟୋତିର ଶେଷ ରଜନୀ ଅତ୍ୟନ୍ତ ଆକର୍ଷଣୀୟ ଥିଲା । ସୁଦୂର ମୁମ୍ବାଇରୁ ଆସିଥିବା ବଲିଉଡ ଗାୟିକା ମଧୁର ଶର୍ମାଙ୍କ ସୁମଧୁର କଣ୍ଠର ଗୀତର ତାଳେ ତାଳେ ଛାତ୍ରଛାତ୍ରୀମାନେ ଝୁମିଥିଲେ ଏବଂ ତାଙ୍କ ସହିତ ଅନ୍ୟ ଜଣେ କଣ୍ଠ ଶିଳ୍ପୀ ଚନ୍ଦନ ଜୟସ୍ୱାଲ ମଧ୍ୟ ସଙ୍ଗୀତ ପରିବେଶଣ କରିଥିଲେ । ତାପରେ ନିଜ ପରିବେଷଣରେ ଦର୍ଶକଙ୍କୁ ମତୁଆଲା କରି ଦେଇଥିଲେ । ଗଜଜ୍ୟୋତିର ସମସ୍ତ କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ୍.ରାଓ, ରେଜିଷ୍ଟ୍ରାର ଡକ୍ଟର ଅନିତା ପାତ୍ର, ଅନୁଷ୍ଠାନର ପ୍ରଶାସକ ଡକ୍ଟର ଦୁର୍ଗା ପ୍ରସାଦ ପାଢ଼ୀ ଏବଂ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ଡିନ୍ ଏବଂ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମଟି ଡକ୍ଟର ଅତନୁ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା ।

# ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୭୮, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨।୩।୨୦୨୪, ଫାଲ୍‌ଗୁନ ଦ୧୯ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୬।୦୬।୨୩ ଚନ୍ଦ୍ରୋଦୟ- ରାଘ ୧୧।୩୬।୫୭**

ଷଷ୍ଠୀ – ପ୍ରାଘ ୭।୫୫ ପର୍ଯ୍ୟନ୍ତ । ବିଶାଖା ନକ୍ଷତ୍ର- ଦିଘ ୨।୪୧ ପର୍ଯ୍ୟନ୍ତ । ତୁଳା ଚନ୍ଦ୍ର – ଦିଘ ୮।୧୬ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । ଦିଘ ୮।୧୬ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ପ୍ରାଘ ୭।୫୫ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୨ ଗତେ ଘ ୧।୦୮ ମଧ୍ୟେ । ଦିଘ ୧୨।୨୩ ଗତେ ଘ ୨।୦୧ ମଧ୍ୟେ ।



**ମେଷ:** ମନରେ ବିରକ୍ତି ଭାବ ଜାତ ହେବ । କର୍ମକ୍ଷେତ୍ରରେ କ୍ଲାନ୍ତି ଅନୁଭବ କରିବେ । କୌଣସି କାର୍ଯ୍ୟରେ ଆଗ୍ରହ ଆସିବ ନାହିଁ । ଆର୍ଥିକ ଅଭାବ ଦେଖାଦେବ । ଶାରୀରିକ ପୀଡ଼ା ଦେଖାଦେବ । ଗୃହେ ଶାନ୍ତି ଲାଭ ।



**ବୃଷ:** ଦୂରଯାତ୍ରା କରି ସଫଳତା ଲାଭ କରିବେ । ବନ୍ଧୁ ଦର୍ଶନର ସୁଯୋଗ ଲାଭ ହେବ । ସାମାଜିକ ସ୍ତରରେ ପ୍ରଶଂସା ଲାଭ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ କଳହ ଦେଖାଦେବ ।



**ମିଥୁନ:** କର୍ମକ୍ଷେତ୍ରରେ ବିଳମ୍ବରେ ଅସହଯୋଗ ପ୍ରାପ୍ତି ହେବ । ରୋଜଗାର ଭଲ ହେବ । ବିଭିନ୍ନ କାରଣରୁ ମନରେ ଚିନ୍ତା ଜାଗ୍ରତ ହେବ । ଘରେ ଜଞ୍ଜାଳ ସହ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ମହିଳାମାନେ ସୁଖୀ ହେବେ ।



**କର୍କଟ:** କାହାକୁ କିଛି ନକହିଲେ ଭଲ । ନିଜ କାମ କରିବା ପରେ ନିରବତା ଅବଲମ୍ବନ ଶ୍ରେୟ ହେବ । ଆୟରେ ଉନ୍ନତି ଦେଖାଦେବ । ପରିବାରରେ ସନ୍ତାନଙ୍କ ପାଇଁ ଚିନ୍ତା ଦେଖାଦେବାର ସୂଚନା ।



**ସିଂହ:** ଅଣ୍ଟି ଛୁରୀ ତଣ୍ଟି କାଟିବା ପରି ନିଜର ଲୋକ ଶତ୍ରୁତା ଅଚାରଣ କରିବେ । ଚାକିରୀ କ୍ଷେତ୍ରରେ ଅବହେଳିତ ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଭ କରିବେ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସାହାଯ୍ୟ ପାଇଁ ଉତ୍ସାହିତ ହେବେ । ପୁରାତନ କାର୍ଯ୍ୟ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମନ ଭଲ ରହିବ ।



**ତୁଳା:** ଅଭିଳାଷ ପୂର୍ଣ୍ଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ସହିତ ଆକସ୍ମିକ ଅର୍ଥ ଲାଭ ଓ ସମ୍ମାନ ମିଳିବ । କର୍ମକ୍ଲାନ୍ତି ଅନୁଭବ ସତ୍ତ୍ୱେ ଗୃହ କାର୍ଯ୍ୟ ପାଇଁ ବାଧ୍ୟ ହେବେ ।



**ବିଛା:** ଆଜି ଦିନଟି ବେଶ୍ ଭଲରେ କଟିବ । ଦୂରଯାତ୍ରା କାର୍ଯ୍ୟ ହାସଲ କରିବେ । ପାରିବାରିକ ଓ ବନ୍ଧୁ ସହଯୋଗ ମଧ୍ୟ ମିଳିବ । ରୋଜଗାରରେ ଉନ୍ନତି ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ଧନୁ:** କର୍ମକ୍ଷେତ୍ରରେ ପାରସ୍ପରିକ ବିରାଧାଭାସ ଯୋଗୁ ପଥରୋଧ ପରିସ୍ଥିତି ସୃଷ୍ଟିର ସୂଚନା । ରୋଜଗାର ଭଲ ହେବ । ପାରିବାରିକ ଅସହଯୋଗ ଅଶାନ୍ତିର ପୂର୍ବାଭାସ । ମହିଳାମାନ ସ୍ୱାର୍ଥପର ହେବାର ସୂଚନା ।



**ମକର:** ଦୂରଯାତ୍ରାରେ ସାଫଲ୍ୟ ହେବେ । ସଙ୍ଗେ ସଙ୍ଗେ ନୂତନ କାର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ଆୟର ଅଭିବୃଦ୍ଧି ଘଟିବ । ନୂତନ ଦ୍ରବ୍ୟ ପ୍ରାପ୍ତ କରିପାରନ୍ତି । ପାରିବାରିକ ଆନନ୍ଦ ଲାଭ ହେବାର ସୂଚନା ।



**କୁମ୍ଭ:** କର୍ମକ୍ଷେତ୍ରରେ ବେଶ୍ ପ୍ରଶଂସା ଲାଭ କରିବେ । ବାକିଥିବା କାମ ସୁରୁଖୁରୁରେ ସମାଧାନ ହୋଇଯିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସାହାଯ୍ୟ ଓ ସହଯୋଗ ଲାଭ ହେବ । ବନ୍ଧୁ ଦର୍ଶନ କରିପାରନ୍ତି ।



**ମୀନ:** ଦାନ ଧର୍ମ ଓ ସେବା ପୂଜା ପ୍ରତି ମନ ନିବେଶ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଅନ୍ୟମାନଙ୍କ ପାଖରେ ପ୍ରଶଂସିତ ହେବେ । ପରିବାରରେ ସହଯୋଗର ପରିମାଣ ବଢ଼ିବ । ଦେହ ଭଲ ରହିବ ।

# କଟକ ଜିଲ୍ଲାର ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ ଭବାନୀ ଶଙ୍କର ଭୂୟାଁ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ଜିଲ୍ଲାର ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ବିନୀତ ଭରଦ୍ୱାଜଙ୍କ ଉପସ୍ଥିତିରେ ଶ୍ରୀ ଭୂୟାଁ କାର୍ଯ୍ୟରେ ଯୋଗ ଦେଇଥିଲେ । ୧୯୯୭ ବ୍ୟାଚ୍‌ର ଓଡିଶା ସୂଚନା ସେବା ଅଧିକାରୀ ଶ୍ରୀ ଭୂୟାଁ ଅନୁଗୁଳ ଜିଲ୍ଲା ପାଲଲହଡା ଉପଖଣ୍ଡରୁ ନିଜର ବୃତିଗତ ଜୀବନ ଆରମ୍ଭ କରିଥିଲେ । ସେ ଜୟଦେବ ଭବନର ମ୍ୟାନେଜର ଭାବେ ଦୀର୍ଘ ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରିବା ସହ ବିଭିନ୍ନ ସମୟରେ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କର ଲୋକସମ୍ପର୍କ ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଛନ୍ତି । କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଯୋଗଦେବା ପୂର୍ବରୁ ଶ୍ରୀ ଭୂୟାଁ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଏଥିସହ ସେ ରାଜ୍ୟ ସୂଚନା ସେବା ସଂଘର ସାଧାରଣ ସମ୍ପାଦକ ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଠାରେ ଶ୍ରୀ ଭୂୟାଁ ଉପନିର୍ଦ୍ଦେଶକ ତଥା ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ଠାରୁ ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହି ଅବସରରେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟଭାର ଗ୍ରହଣ କରିବା ପରେ ଜିଲ୍ଲା ପ୍ରଶାସନ ଓ ଗଣମାଧ୍ୟମ ସହ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା ଜାରି ରହିବ ବୋଲି ନୂତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମତବ୍ୟକ୍ତ କରିଛନ୍ତି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଜିଡିପି ବଢ଼ିଲା ୮.୪%

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ଅବଧିରେ ଭାରତୀୟ ଅର୍ଥନୀତିର ବିକାଶ ହାର ଭଲ ରହିଛି। ଏହି ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୪ ପ୍ରତିଶତ ବଢ଼ିଛି। ବିନିର୍ମାଣ (ମାନୁଫାକ୍ଚରିଂ) ଏବଂ ଖଣି କ୍ଷେତ୍ରର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିବା କାରଣରୁ ଜିଡିପିରେ ଏଭଳି ଉନ୍ନତି ସମ୍ଭବ ହୋଇଛି। ମାନୁଫାକ୍ଚରିଂ ୧୧.୬ ପ୍ରତିଶତ, ନିର୍ମାଣ ୯.୫ ପ୍ରତିଶତ; ବାଣିଜ୍ୟ, ହୋଟେଲ ଓ ପରିବହନ ୬.୭ ପ୍ରତିଶତ, ଆର୍ଥିକ କ୍ଷେତ୍ର ସହିତ ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଛି।

ତେବେ ଚିନ୍ତାର ବିଷୟ ହେଲା ସଂଖ୍ୟାଧିକ ଲୋକ କୃଷି ଉପରେ ଏବେ ବି ନିର୍ଭରଶୀଳ ଥିଲେ ମଧ୍ୟ ତୃତୀୟ ତ୍ରୟମାସରେ ଦେଶର କୃଷିକ୍ଷେତ୍ରର ଅଭିବୃଦ୍ଧି ବିଯୁକ୍ତ ୦.୮ ପ୍ରତିଶତ ଅର୍ଥାତ୍ ସଂକୁଚିତ ହୋଇଛି। ଦ୍ୱିତୀୟ ତ୍ରିମାସୀରେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧.୬ ପ୍ରତିଶତ ରହିଥିଲା।

ସେହିଭଳି ଗତ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ କୃଷି କ୍ଷେତ୍ର ୫.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ବର୍ତ୍ତମାନ ମୂଲ୍ୟରେ ତୃତୀୟ ତ୍ରୟମାସର ଜିଡିପି ୭୫.୪୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୮.୫୮ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧିରେ ୧୦.୧ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ୨୦୧୧-୧୨ର ସ୍ଥିର ମୂଲ୍ୟରେ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସ ଜିଡିପି ୪୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ର ତୃତୀୟ ତ୍ରୟମାସରେ ଏହା ୪୦.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣି ଏହି ସମୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ବଢ଼ିଥିବା ଆକଳନ ହୋଇଛି।

ଏଥିସହିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୟମାସ ପାଇଁ ମଧ୍ୟ ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯାଇଛି। ପୂର୍ବ ଆକଳନରେ ପ୍ରଥମ ଓ ଦ୍ୱିତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୭.୮ ଏବଂ ୭.୬ ପ୍ରତିଶତ ରହିଥିଲା। କିନ୍ତୁ ଆଜି ଉକ୍ତ ସଂଖ୍ୟା ଯଥାକ୍ରମେ ୮.୨ ପ୍ରତିଶତ ଏବଂ ୮.୧ ପ୍ରତିଶତ ରହିଥିବା ଦର୍ଶାଯାଇଛି। ତୃତୀୟ ତ୍ରୟମାସରେ ଅର୍ଥନୀତିର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିଲା। ତେଣୁ ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ ତୁଳନାରେ ଅଭିବୃଦ୍ଧି ଭଲ ରହିଛି। ଆଜି ପ୍ରକାଶିତ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତବର୍ଷ ପୂର୍ବରୁ କରାଯାଇଥିବା ପ୍ରଥମ ଅଗ୍ରିମ ଆକଳନରେ ଆର୍ଥିକବର୍ଷର ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା।

ବର୍ତ୍ତମାନ ମୂଲ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ୨୯୩.୯୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୨-୨୩ ଆର୍ଥିକବର୍ଷରେ ଏହା ୨୬୯.୫୦ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୧ ପ୍ରତିଶତ ରହିବା ନେଇ ହିସାବ କରାଯାଇଛି। ତେବେ ୨୦୧୧-୧୨ ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ୨୦୨୩-୨୪ ଆର୍ଥିକବର୍ଷର ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ସଂଶୋଧିତ ଆକଳନରେ ବାସ୍ତବ ଜିଡିପି ୧୬୦.୭୧ ଲକ୍ଷ କୋଟି ଟଙ୍କା ରହିବ ବୋଲି କୁହାଯାଇଛି। ତେଣୁ ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୭.୬ ପ୍ରତିଶତ ରହିବା ନେଇ ଏନ୍‌ଏସ୍‌ଓ (ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଭାରତୀୟ ଅର୍ଥନୀତିର ତୃତୀୟ ତ୍ରୟମାସ ଜିଡିପି ଅଭିବୃଦ୍ଧି ରିପୋର୍ଟ ଆସିବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ମତ ରଖିଛନ୍ତି। ୮.୪ ପ୍ରତିଶତର ଜିଡିପି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସପାଇଁ ଆମର ପ୍ରଚେଷ୍ଟା ଜାରି ରହିବ, ଯେପରିକି ୧୪୦ କୋଟି ଭାରତୀୟ ଉତ୍ତମ ଜୀବନ ଜିଇଁ ପାରିବେ ଏବଂ ଏକ ବିକଶିତ ଭାରତ ତିଆରି ହୋଇପାରିବ ବୋଲି ପ୍ରଧାମନ୍ତ୍ରୀ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ତ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ

ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ତକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ପେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

## ଏଣୁ ତେଣୁ



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ-୩୪

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

ଓଡ଼ିଆ ଓ ସଂସ୍କୃତ ଭାଷାରେ ଅତିକମ୍ ହୋଇଥିବା ସତ୍ତ୍ୱେ ଏଠାରେ ଏ କଷ୍ଟସାଧ ଗୀତ ରଚନା କାର୍ଯ୍ୟ ସଂପନ୍ନ କରାଯାଇଛି। ବିରଳ ଗୀତର ମାଧୁର୍ଯ୍ୟ ନିଅନ୍ତୁ।

## ନାଗଦେଶରେ କୌଣ୍ଡିନ୍ୟଙ୍କ ଦ୍ୱିତୀୟ ଦିନ

ପ୍ରେମିକା ସୋମା ସହ ପାତାଳପୁର ଯାଇ କଳିଙ୍ଗବୀର କୌଣ୍ଡିନ୍ୟ ପ୍ରଥମ ରାତ୍ର ରାଜପ୍ରାସାଦରେ ବିଶ୍ରାମ କଲା ପରେ ଦ୍ୱିତୀୟ ଦିନ କ'ଣ ହେଲା ତାହା ଏ ଗୀତରେ ସ୍ଥାନିତ ହୋଇଛି।

'ଓ ଏବଂ ଔ'କୁ ପ୍ରଥମ ଅକ୍ଷର ରଖି ଗଠିତ ହୋଇଥିବା ଶବ୍ଦାବଳୀ

ଔଁକାର ସ୍ୱନେ କମ୍ପଇ
ସେ ନାଗଦେଶ
ଓଁ ଶିବାୟ ଶବ୍ଦ ବୋଲେ
ଯେ ନିଶି ଶେଷ ।।୧।।
ଓଡ୍ର ବୀର ତା' ପୂର୍ବରୁ
ସ୍ନାନାଦି ସାରି
ଓଘ ମଧ୍ୟେ ଦିବାକରେ
ଅର୍ପିଲେ ବାରି ।।୨।।
ଔତ୍ସୁକ୍ୟେ ସେ ନଗଶୀର୍ଷେ
କଲେ ଗମନ
ଓଦାବସ୍ତ୍ର ପିନ୍ଧି କଲେ
ଶିବ ପୂଜନ ।।୩।।
ଓଳାଇଲେ ଦେବାଳୟ
ପୁଷ୍ପ ଅର୍ପିଲେ
ଓଳଗି ମାଗିଲେ ଯାହା
ମନାସି ଥିଲେ ।।୪।।
ଓହ୍ଲାଇ ତଳେ ଦେଖନ୍ତି
ମନ୍ଦିର ଏକ
ଓସ୍ତ ବୃକ୍ଷ ମୂଳେ ସ୍ଥିତ
ନାଗଦେବଙ୍କ ।।୫।।
ଔତ୍ସୁକେ ଭକ୍ତି ଭରେ ସେ
ତା'ମଧ୍ୟେ ଗଲେ
ଓଜସ୍ୱୀ ପ୍ରଭୂତ ମଣ୍ଡନ୍ତି
ପୂଜାର ପରେ ।।୬।।
ଓଁ ନାଗଦେବାୟ ନମଃ
କରି ଗାୟନ
ଓଡ୍ର ବୀର କଲେ ଗୃହ
ପ୍ରତ୍ୟାବର୍ତ୍ତନ ।।୭।।
ଓକେ ଆସି ସେ ପାଇଲେ
ରାଜାଙ୍କ ବାର୍ତ୍ତା



ଓଳି ଦ୍ୱିତୀୟେ ମିଳିବେ
ହେବାକୁ କଥା ।।୮।।
ଔପଚାରିକ ଭାବରେ
ହେବ ନିର୍ଣ୍ଣୟ
ଔଚିତ୍ୟେ ହେବ କିପରି
ଏ ପରିଣୟ ।।୯।।
ଔଷଧ ପାଇଲେ ପ୍ରୀତ
ମଲୁ ଯେପରି
ଓଜଃ ସଂଚରିଲା ବୀରଙ୍କ
ଦେହେ ସେପରି ।।୧୦।।
ଓତିପ୍ରୋତ ସେ ଜଡିତ
ପ୍ରେମ ବଶେଣ
ଓ ଔ ଆଦ୍ୟେ ରଖି
ରଚେ ରଖି ଦୁର୍ଗାଚରଣ।।୧୧।।

ଶବ୍ଦାର୍ଥ :

ପଦ (୨)ରୁ (୬) : ଓଡ୍ର ପୁରାତନ ଓଡ଼ିଶାର ଏକ ନାମ। ଓଜ-ଜଳସ୍ରୋତ। ଦିବାକର-ସୂର୍ଯ୍ୟ। ଔତ୍ସୁକ୍ୟେ- ଆଗ୍ରହରେ। ନଗଶୀର୍ଷେ-ପର୍ବତର ଉପରଭାଗରେ। ଓଳଗି-ନମସ୍କାର କରି। ଓସ୍ତ-ଅଶ୍ୱତ୍ଥ। ଓଜସ୍ୱୀ-ଶକ୍ତିଶାଳୀ, ତେଜବାନ୍।

ପଦ (୬)ରୁ (୧୧) : ଓଡ଼-ପୁରୁଣା ଓଡ଼ିଶା। ଓକେ-ଘରକୁ। ଓଳି-ଦିନର ଅଧା ଭାଗ। ଔଚିତ୍ୟେ-ଉଚିତଭାବେ। ପରିଣୟ-ବିବାହ। ମଲୁ-ରୋଗୀ। ଓଜଃ-ତେଜ। ଓତପୋତ-ନିବିଡ।

# କ୍ୟାନ୍‌ସରର ଭୟାବହତା



**କାଳି ଦାସ**
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଲୋକମାନଙ୍କର ବିଶ୍ୱାସ ଏହି ଯେ ନିଶା ଦ୍ରବ୍ୟ ଖାଇବା ଦ୍ୱାରା ମୁଖରେ କ୍ୟାନସର ବା ଫୁସଫୁସ ରେ କ୍ୟାନସର ହୋଇଥାଏ କିନ୍ତୁ ଏହି ନିଶା ଦ୍ରବ୍ୟ ଗୁଡିକ ବ୍ଲଡରେ କ୍ୟାନସରର କାରଣ ମଧ ହୋଇଥାନ୍ତି । ଆଜିକାଲି ଛୋଟ ପିଲାମାନଙ୍କୁ ମଧ କ୍ୟାନସର ହେବା ଦେଖା ଯାଉଛି । ଛୁଆମାନଙ୍କ ଭିତରେ ଲ୍ୟୁକେମିଆ, ବ୍ରେନ ଟ୍ୟୁମର ଏବଂ ଲିମ୍ଫୋମିଆ କ୍ୟାନସର ଦେଖା ଯାଇଥାଏ। ସେହିପରି ମହିଳା ମାନଙ୍କ ଭିତରେ ମୁଖ୍ୟତଃ ବ୍ରେଷ୍ଟ କ୍ୟାନସର, ଲଙ୍ଗସ କ୍ୟାନସର ଏବଂ କୋଲୋରେକଟାଲ କ୍ୟାନସର ଦେଖାଯାଇଥାଏ । ପୁରୁଷ ମାନଙ୍କ ଭିତରେ ପ୍ରୋଷ୍ଟେଟ କ୍ୟାନସର ଲଙ୍ଗସ କ୍ୟାନସରର ଏବଂ କଲୋରେକଟୋଲ କ୍ୟାନସର ଦେଖାଯାଏ । କ୍ୟାନସର ରୋଗ କେବଳ ରୋଗୀ କୁ କଷ୍ଟ ଦେଇନଥାଏ ବରଂ ସମଗ୍ର ପରିବାର କୁ କଷ୍ଟ ଦେଇଥାଏ । କ୍ୟାନସର ର ଚିକସ୍ଚା ବ୍ୟୟ ସପେକ୍ଷା ତା ସହିତ କ୍ୟାନସର ଥରେ ଭଲ ହେଲା ପରେ ପୁଣି ଫେରି ଆସିବାର ଭୟରହିଥାଏ ।କ୍ୟାନସର ରୋଗୀ କୁ ମାନସିକ ଦୁଶ୍ଚିନ୍ତା ଭିତର କୁ ଠେଲି ଦିଏ । କ୍ୟାନସରର ପଛରେ ଅନେକ କାରଣ ରହିଥାଏ ଯେମିତିକି ବୟସ, ଖାଦ୍ୟ, ଜେନେଟିକ, ବଦ ଆଭ୍ୟାସ ଇତ୍ୟାଦି ସେହିପରି କ୍ୟାନସର ମୁଖତଃ ବ୍ୟାପୀ ଥାଏ ହାଡ ରେ ଲିଭରରେ ଓ ଲଙ୍ଗସ ରୋ।

କ୍ୟାନସରର ନା ଶୁଣିଲେ ହିଁ ଲୋକମାନେ ଡରି ଯାଆନ୍ତି ।ପ୍ରତି ବର୍ଷ ବିଶ୍ୱ ରେ ୯.୬ ମିଲିୟନ ଲୋକ ଏହି ଭୟାବହ ରୋଗ ରେ ମୃତ୍ୟୁ ବରଣ କରିଥାନ୍ତି। ସାଧାରଣ ଲୋକଙ୍କୁ କ୍ୟାନସର ବିଷୟରେ ସତର୍କ କରିବା ପାଇଁ ୱାର୍ଲ୍ଡ କ୍ୟାନସରଡେ'କୁ ପାଳନ କରାଯାଏ। କ୍ୟାନସର ସାଧାରଣ ପେଣ୍ଡେମିକ ପରି ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ବ୍ୟାପୀ ନ ଥାଏ ।ତେଣୁ କ୍ୟାନସର ଦ୍ୱାରା ଆକ୍ରମିତ ଲୋକଙ୍କ ପାଖକୁ ଯିବା ପାଇଁ ଡରିବା କଥାନୁହେ। କ୍ୟାନସର ହେଲା ଏମିତି ଏକ ରୋଗ ଯେଉଁଥିରେ ଦେହରେ ଥିବା ସେଲ ଗୁଡିକ ଅନିୟନ୍ତିତ ଭାବରେ ଭାଙ୍ଗି ଚାଲନ୍ତି ଏବଂ ଦେହର ଅନ୍ୟ ଟିସୁମାନଙ୍କୁ ନଷ୍ଟ କରିଚାଲନ୍ତି। କ୍ୟାନସର ରେ ଶିକାର ମଣିଷର ଶରୀର ଭିତରେ କ୍ୟାନସରର ସେଲ ଗୁଡିକ ବଢିବା ସହିତ ଶରୀର ବିଭିର୍ନ୍ନ ସ୍ଥାନକୁ ମଧ ବ୍ୟାପୀ ଥାନ୍ତି। କ୍ୟାନସରର ଅନେକ କାରଣ ଭିତରୁ ଗୋଟିଏ କାରଣ ହେଲା ଟବାକୋ, ପାନ, ପୁଡିଆ ପରି ନିଶା ଦ୍ରବ୍ୟର ସେବନ।ଏହି ନିଶା ଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ମାନେ ପ୍ରାୟତଃ କ୍ୟାନସରର ଶିକାର ହୁଅନ୍ତି ।ସେଥିପାଇଁ ଟବାକୋ ଓ ଟବାକୋ ଥିବା ନିଶା ଦ୍ରବ୍ୟ ବିକ୍ରିୟ ପଦାର୍ଥ ଗୁଡିକରେ ସତର୍କତା ଘୋଷଣା କରାଯାଇଥାଏ ଏବଂ ଟବାକୋ ସେବନ ଦ୍ୱାରା ହୋଇଥିବା କ୍ୟାନସର ଛବିମଧ ସେଥିରେ ଛପା ହୋଇଥାଏ କିନ୍ତୁ ସାଧାରଣ ଲୋକ ଯେଉଁ ମାନେ ପାନ, ପୁଡିଆ ପାନ ବା ସିଗେରେଟ ଖାଇଥାନ୍ତି ସେମାନେ ଏ ସମସ୍ତ ସତର୍କବାଣୀକୁ ଭୃକ୍ଷେପ କରନ୍ତି ନାହିଁ।

ଲୋକମାନଙ୍କର ବିଶ୍ୱାସ ଏହି ଯେ ନିଶା ଦ୍ରବ୍ୟ ଖାଇବା ଦ୍ୱାରା ମୁଖରେ କ୍ୟାନସର ବା ଫୁସଫୁସ ରେ କ୍ୟାନସର ହୋଇଥାଏ କିନ୍ତୁ ଏହି ନିଶା ଦ୍ରବ୍ୟ ଗୁଡିକ ବ୍ଲଡରେ କ୍ୟାନସରର କାରଣ ମଧ ହୋଇଥାନ୍ତି । ଆଜିକାଲି ଛୋଟ ପିଲାମାନଙ୍କୁ ମଧ କ୍ୟାନସର ହେବା ଦେଖା ଯାଉଛି । ଛୁଆମାନଙ୍କ ଭିତରେ ଲ୍ୟୁକେମିଆ, ବ୍ରେନ ଟ୍ୟୁମର ଏବଂ ଲିମ୍ଫୋମିଆ କ୍ୟାନସର ଦେଖା ଯାଇଥାଏ।

ସେହିପରି ମହିଳା ମାନଙ୍କ ଭିତରେ ମୁଖ୍ୟତଃ ବ୍ରେଷ୍ଟ କ୍ୟାନସର, ଲଙ୍ଗସ କ୍ୟାନସର ଏବଂ କୋଲୋରେକଟାଲ କ୍ୟାନସର ଦେଖାଯାଇଥାଏ ।

ପୁରୁଷ ମାନଙ୍କ ଭିତରେ ପ୍ରୋଷ୍ଟେଟ କ୍ୟାନସର ଲଙ୍ଗସ କ୍ୟାନସରର ଏବଂ କଲୋରେକଟୋଲ କ୍ୟାନସର ଦେଖାଯାଏ । କ୍ୟାନସର ରୋଗ କେବଳ ରୋଗୀ କୁ କଷ୍ଟ ଦେଇନଥାଏ ବରଂ ସମଗ୍ର ପରିବାର କୁ କଷ୍ଟ ଦେଇଥାଏ । କ୍ୟାନସର ର ଚିକସ୍ଚା ବ୍ୟୟ ସପେକ୍ଷା ତା ସହିତ କ୍ୟାନସର ଥରେ ଭଲ ହେଲା ପରେ ପୁଣି ଫେରି ଆସିବାର ଭୟରହିଥାଏ ।କ୍ୟାନସର ରୋଗୀ କୁ ମାନସିକ ଦୁଶ୍ଚିନ୍ତା ଭିତର କୁ ଠେଲି ଦିଏ । କ୍ୟାନସରର ପଛରେ ଅନେକ କାରଣ ରହିଥାଏ ଯେମିତିକି ବୟସ, ଖାଦ୍ୟ, ଜେନେଟିକ, ବଦ ଆଭ୍ୟାସ ଇତ୍ୟାଦି ସେହିପରି କ୍ୟାନସର ମୁଖତଃ ବ୍ୟାପୀ ଥାଏ ହାଡ ରେ ଲିଭରରେ ଓ ଲଙ୍ଗସ ରୋ।

ବିଶ୍ୱରେ ପ୍ରତିଦିନ କ୍ୟାନସର ରୋଗୀ ଏବଂ କ୍ୟାନସାର ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ଚାଲିଛି ତେଣୁ ଏକ ସୁସ୍ଥ ସମାଜ ଓ ସୁସ୍ଥ ବିଶ୍ୱର ପରିକଳ୍ପନା ଆମେ ସେତେବେଳେ କରି ପାରିବା ଯେତେବେଳେ ଆମେ କ୍ୟାନସର କୁ ନିଜର କବଳ ରେ ରଖିପାରିବା।

ବିଶ୍ୱ କ୍ୟାନସର ଦିବସ ପ୍ରତି ବର୍ଷ ୪ ଫେବୃଆରୀ ରେ ପାଳନ କରାଯାଇଥାଏ । ଏହି ଦିନ ସାଧାରଣ ଲୋକଙ୍କୁ କ୍ୟାନସର ରୋଗ ବିଷୟ ରେ ଅବଗତ କରାଯାଇଥାଏ ଏବଂ ଏଥିରୁ ରୁ ମୁକ୍ତି ପାଇବା ପାଇଁ ସଚେତନ କରାଯାଇଥାଏ । ଆଜି ପୁରା ବିଶ୍ୱ କ୍ୟାନସର କୁ ଡରୁଛି । କ୍ୟାନସର ରୋଗର ମୁଖ୍ୟ କାରଣ ହେଲା ଅନିୟମିତ ଖାଦ୍ୟ ର ସେବନ ତମାଖୁ,ଗୁଠଖା, ଗୁଡାଖୁ ର ସେବନ ତେଣୁ ଏହି ସବୁ ଅନିମିୟତା ବିଷୟ ରେ ଲୋକଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ । ଅନେକ ଥର ଲୋକଙ୍କୁ ସଚେତନ କରିବା ପରେ ମଧ ଲୋକ ମାନେ ସଚେତନ ନହେବା ଯୋଗୁ ଲୋକମାନେ କ୍ୟାନସର ରୋଗ ରେ ପୀଡିତ ହେଉଛନ୍ତି ଏବଂ କୋଟି କୋଟି ଟଙ୍କା ଚିକିତ୍ସା ନିମନ୍ତେ ଖର୍ଚ୍ଚ ହେଉଛି । ନିକଟ ରେ ଭାରତର ଜଣେ ଅଭିନେତ୍ରୀ ଏବଂ ଭାରତ କ୍ରିକେଟ ଟିମ ର ଜଣେ କ୍ରିକେଟ ଖେଳାଳି ଏହି କ୍ୟାନସର ରୋଗରେ ପିଡିତ ହୋଇଥିଲେ ଏବଂ କ୍ୟାନସରରୁ ମୁକ୍ତି ମଧ ପାଇଛନ୍ତି ।

କ୍ୟାନସର ରୋଗକୁ ଲୁଚେଇବା ଏବଂ ଡରିବା ଯୋଗୁ ଅନେକ ସମୟ ରେ ରୋଗୀ କୁ ଚିକିତ୍ସା ରୁ ବଞ୍ଚିତ କରାଯାଏ। କ୍ୟାନସରର ସନ୍ଦେହ ହେଲେ ସାଙ୍ଗେ ସାଙ୍ଗେ ତାର ପରୀକ୍ଷା ଓ ତାର ଚିକିତ୍ସା କରାଗଲେ ଆମେ ଅନେକାଂଶ ରେ କ୍ୟାନସରରୁ ମୁକ୍ତି ପାଇପାରିବା ।

କଥା ରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ "Health is wealth" ପ୍ରତ୍ୟେକ ମଣିଷ ର ମୂଳ ଲକ୍ଷ୍ୟ ହେବା କଥା ଏକ ସୁସ୍ଥ ଜୀବନ ବିତାଇବା ପାଇଁ । ନିଜ ସ୍ୱାସ୍ଥ୍ୟ କେମିତି ଭଲ ରହିବ ତା ଉପରେ ଚିନ୍ତା କରିବା କଥା।

୧୯୩୩ ର ଆନ୍ତର୍ଜାତୀୟ କ୍ୟାନସର ନିୟନ୍ତ୍ରଣ ସଂଘ ଦ୍ୱାରା ପ୍ରଥମ ଥର ପାଇଁ ସ୍ୱିଜରଲେଣ୍ଡ ର ଜେନିଭା ସହର ରେ ବିଶ୍ୱ କ୍ୟାନସର ଦିବସ ପାଳନ କରାଯାଇଥିଲା । ଏହି ଦିବସ ରେ କ୍ୟାନସର ବିଷୟ ରେ ଲୋକଙ୍କୁ ଜାଗୃତ, ,ଶିକ୍ଷିତ ଏବଂ ସଚେତନ କରାଯାଇଥିଲା । କ୍ୟାନସରରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ସରକାରଙ୍କୁ ଏ ବିଷୟ ରେ ବୁଝେଇବା ପାଇଁ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କେମିତି କ୍ୟାନସର ରୁ ବଞ୍ଚାଇବା ସେହି ବିଷୟ ରେ ସଚେତନ କରିବା ପାଇଁ ଏହାର ମୂଳ ଉଦ୍ଦେଶ୍ୟ ଥିଲା।

ଆଜିର ଦିନରେ ମଧ ପ୍ରତି ବର୍ଷ ୬ ଲକ୍ଷ୍ୟ ଲୋକ କ୍ୟାନସର ଦ୍ୱାରା ମୃତ୍ୟୁବରଣ କରୁଛନ୍ତି । ୪୦ ଲକ୍ଷ ଲୋକ ୩୦ରୁ ୪୦ ବର୍ଷ ଆୟୁ ପୂର୍ବରୁ ମୃତ୍ୟୁବରଣ କରିସାରିଲେଣି । ଏଥିପାଇଁ ସମୟ ପୂର୍ବ ରୁ ଏହି ରୋଗ ବିଷୟ ରେ ସାଧାରଣ ଲୋକଙ୍କୁ ଜାଗୃତ କରିବା ଦରକାର ଏବଂ ଲୋକଙ୍କୁ ଶିକ୍ଷିତ କରିବା ଦରକାର ତା ସହିତ କ୍ୟାନସର ଠାରୁ ଲୋକଙ୍କ ଜୀବନ କେମିତି ବଞ୍ଚିପାରିବ ତା ପାଇଁ ସମସ୍ତେ ଜାଗ୍ରତ ହେବା ଦରକାର।

# ଉପଭୋଗ ବ୍ୟୟ କମୁଛି



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ରିପୋର୍ଟରେ କୁହାଯାଇଛି ଯେ, ୨୦୧୧-୧୨ରେ ଗ୍ରାମାଞ୍ଚଳରେ ଲୋକଙ୍କ ଖାଦ୍ୟ ଉପରେ ଖର୍ଚ୍ଚ ୫୨.୯ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ତାହା ୪୬.୪ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ସହରାଞ୍ଚଳରେ ଏହା ୨୦୧୧-୧୨ରେ ୪୨.୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ୩୯.୨ ପ୍ରତିଶତକୁ ହ୍ରାସ ପାଇଛି। ଗତ ୧୦ବର୍ଷ ମଧ୍ୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କ ଖାଦ୍ୟ ସାମଗ୍ରୀ ଉପରେ ବ୍ୟୟ ପରିମାଣ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ପ୍ରଥମ ଥର ପାଇଁ ଖାଦ୍ୟ ଉପରେ ବ୍ୟୟ ପରିମାଣ ଗ୍ରାମାଚଂଳରେ ମୋଟ ଉପଭୋଗ ବ୍ୟୟର ୫୦ ପ୍ରତିଶତକୁ କମ୍ ଥିବାବେଳେ ସହରାଚଂଳରେ ୪୦ ପ୍ରତିଶତରୁ କମ୍ ହୋଇଛି। ସରକାରଙ୍କ ଦ୍ୱାରା ମାଗଣା ଖାଦ୍ୟଶସ୍ୟ ବଂଟନ ଗରିବ ଲୋକଙ୍କୁ କିଛି ମାତ୍ରାରେ ସହାୟତା ଦେଇଥିବା କୁହାଯାଏ। ସେହିପରି ଗ୍ରାମାଚଂଳ ଓ ସହରାଚଂଳ ପରିବାର ମଧ୍ୟରେ ହାରାହାରି ମାସିକ ମୁଣ୍ଡ ପିଛା ଉପଭୋଗ ବ୍ୟୟରେ ବ୍ୟବଧାନ ୨୦୧୧-୧୨ରେ ୮୩.୯ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ହ୍ରାସ ପାଇଁ ୭୧.୨ ପ୍ରତିଶତ ହୋଇଛି। ଏହା ସଂକେତ ପ୍ରଦାନ କରୁଛି ଯେ, ଗତ ୧୦ବର୍ଷ ମଧ୍ୟରେ ସହରାଞ୍ଚଳ ଲୋକଙ୍କ ଉପଭୋଗ ବ୍ୟୟ ତୁଳନାରେ ଗ୍ରାମୀଣ ଉପଭୋଗ ବ୍ୟୟ ବୃଦ୍ଧି ପାଇଛି। ସେହିପରି ଗ୍ରାମାଞ୍ଚଳର ସବୁଠୁ ଗରିବ ୫ପ୍ରତିଶତ ଲୋକଙ୍କ ମାସିକ ଖର୍ଚ୍ଚ ୧୩୭୩ ଟଙ୍କା ରହିଥିବାବେଳେ ସହରାଚଂଳରେ ସବୁଠୁ ଗରିବ ୫ ପ୍ରତିଶତ ଲୋକଙ୍କ ମାସିକ ହାରାହାରି ଖର୍ଚ୍ଚ ୨୦୦୧ ଟଙ୍କା ରହିଛି। ରିପୋର୍ଟରେ କୁହାଯାଇଛି ଯେ, ଗାଁରେ ଗରିବ ଲୋକଟିଏ ଦୈନିକ ୪୬ଟଙ୍କା ବ୍ୟୟ କରି ଗୁଜରାଣ ମେଣ୍ଟାଇବାବେଳେ ଗ୍ରାମାଞ୍ଚଳରେ ଧନୀ ୫ପ୍ରତିଶତ ଲୋକଙ୍କ ହାରାହାରି ମାସିକ ଖର୍ଚ୍ଚ ୧୦,୫୦୧ ଟଙ୍କା ଥିବାବେଳେ ସହରାଞ୍ଚଳରେ ଏହା, ୨୦,୮୨୪ ଟଙ୍କା ରହିଛି। ଏଥିରୁ ଧନୀ ଗରିବଙ୍କ ମଧ୍ୟରେ ରହିଥିବା ଆର୍ଥୀକ ସମାନତା ବା ବ୍ୟବଧାନ କେତେ ଅଧିକ ତାହା ସହଜରେ ଅନୁମାନ କରାଯାଇପାରେ। ପ୍ରକାଶିତ ରିପୋର୍ଟରେ ସବିଶେଷ ତଥ୍ୟ ଦର୍ଶାଇଛି ଯେ, ଗ୍ରାମାଞ୍ଚଳରେ ପାରିବାରିକ ମାସିକ ବ୍ୟୟ ୨୦୧୧-୧୨ରେ ୧୪୩୦ ଟଙ୍କା ଥିବାବେଳେ ୨୦୨୨-୨୩ରେ ତାହା ୩୭୭୩ ଟଙ୍କାକୁ ବୃଦ୍ଧି ପାଇଛି।

ଦୀର୍ଘ ୧୦ବର୍ଷର ବ୍ୟବଧାନ ପରେ କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମଓଏସପିଆଇ) ପକ୍ଷରୁ ପ୍ରକାଶିତ ଉପଭୋଗ ବ୍ୟୟ ସର୍ବେକ୍ଷଣ (ଏମପିସିଇ) ୨୦୨୨-୨୩ର ରିପୋର୍ଟରେ ସହର ଓ ଗ୍ରାମାଞ୍ଚଳର ଲୋକଙ୍କ ଖାଦ୍ୟ ବ୍ୟୟ ହ୍ରାସ ପାଇଥିବା କୁହାଯାଇଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁଁ ପୂର୍ବରୁ ଲୋକମାନେ ଯେତିକି ଖାଦ୍ୟ ପାଇଁ ଖର୍ଚ୍ଚ କରୁଥିଲେ, ତାହା ଚିନ୍ତାଜନକ ଭାବେ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୧-୧୨ରେ ଗ୍ରାମାଞ୍ଚଳରେ ଲୋକଙ୍କ ଖାଦ୍ୟ ଉପରେ ଖର୍ଚ୍ଚ ୫୨.୯ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ତାହା ୪୬.୪ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ସହରାଞ୍ଚଳରେ ଏହା ୨୦୧୧-୧୨ରେ ୪୨.୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ୩୯.୨ ପ୍ରତିଶତକୁ ହ୍ରାସ ପାଇଛି। ଗତ ୧୦ବର୍ଷ ମଧ୍ୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କ ଖାଦ୍ୟ ସାମଗ୍ରୀ ଉପରେ ବ୍ୟୟ ପରିମାଣ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ପ୍ରଥମ ଥର ପାଇଁ ଖାଦ୍ୟ ଉପରେ ବ୍ୟୟ ପରିମାଣ ଗ୍ରାମାଚଂଳରେ ମୋଟ ଉପଭୋଗ ବ୍ୟୟର ୫୦ ପ୍ରତିଶତକୁ କମ୍ ଥିବାବେଳେ ସହରାଚଂଳରେ ୪୦ ପ୍ରତିଶତରୁ କମ୍ ହୋଇଛି। ସରକାରଙ୍କ ଦ୍ୱାରା ମାଗଣା ଖାଦ୍ୟଶସ୍ୟ ବଂଟନ ଗରିବ ଲୋକଙ୍କୁ କିଛି ମାତ୍ରାରେ ସହାୟତା ଦେଇଥିବା କୁହାଯାଏ। ସେହିପରି ଗ୍ରାମାଚଂଳ ଓ ସହରାଚଂଳ ପରିବାର ମଧ୍ୟରେ ହାରାହାରି ମାସିକ ମୁଣ୍ଡ ପିଛା ଉପଭୋଗ ବ୍ୟୟରେ ବ୍ୟବଧାନ ୨୦୧୧-୧୨ରେ ୮୩.୯ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ହ୍ରାସ ପାଇଁ ୭୧.୨ ପ୍ରତିଶତ ହୋଇଛି। ଏହା ସଂକେତ ପ୍ରଦାନ କରୁଛି ଯେ, ଗତ ୧୦ବର୍ଷ ମଧ୍ୟରେ ସହରାଞ୍ଚଳ ଲୋକଙ୍କ ଉପଭୋଗ ବ୍ୟୟ ତୁଳନାରେ ଗ୍ରାମୀଣ ଉପଭୋଗ ବ୍ୟୟ ବୃଦ୍ଧି ପାଇଛି। ସେହିପରି ଗ୍ରାମାଞ୍ଚଳର ସବୁଠୁ ଗରିବ ୫ପ୍ରତିଶତ ଲୋକଙ୍କ ମାସିକ ଖର୍ଚ୍ଚ ୧୩୭୩ ଟଙ୍କା ରହିଥିବାବେଳେ ସହରାଚଂଳରେ ସବୁଠୁ ଗରିବ ୫ ପ୍ରତିଶତ ଲୋକଙ୍କ ମାସିକ ହାରାହାରି ଖର୍ଚ୍ଚ ୨୦୦୧ ଟଙ୍କା ରହିଛି। ରିପୋର୍ଟରେ କୁହାଯାଇଛି ଯେ, ଗାଁରେ ଗରିବ ଲୋକଟିଏ ଦୈନିକ ୪୬ଟଙ୍କା ବ୍ୟୟ କରି ଗୁଜରାଣ ମେଣ୍ଟାଇବାବେଳେ ଗ୍ରାମାଞ୍ଚଳରେ ଧନୀ ୫ପ୍ରତିଶତ ଲୋକଙ୍କ ହାରାହାରି ମାସିକ ଖର୍ଚ୍ଚ ୧୦,୫୦୧ ଟଙ୍କା ଥିବାବେଳେ ସହରାଞ୍ଚଳରେ ଏହା, ୨୦,୮୨୪ ଟଙ୍କା ରହିଛି। ଏଥିରୁ ଧନୀ ଗରିବଙ୍କ ମଧ୍ୟରେ ରହିଥିବା ଆର୍ଥୀକ ସମାନତା ବା ବ୍ୟବଧାନ କେତେ ଅଧିକ ତାହା ସହଜରେ ଅନୁମାନ କରାଯାଇପାରେ। ପ୍ରକାଶିତ ରିପୋର୍ଟରେ ସବିଶେଷ ତଥ୍ୟ ଦର୍ଶାଇଛି ଯେ, ଗ୍ରାମାଞ୍ଚଳରେ ପାରିବାରିକ ମାସିକ ବ୍ୟୟ ୨୦୧୧-୧୨ରେ ୧୪୩୦ ଟଙ୍କା ଥିବାବେଳେ ୨୦୨୨-୨୩ରେ ତାହା ୩୭୭୩ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ସହରାଚଂଳରେ ତାହା ଗତ ୧୦ବର୍ଷ ମଧ୍ୟରେ ୨୬୩୦ ଟଙ୍କାରୁ ୬୪୫୯ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ପରିବାରର ଆୟ ବୃଦ୍ଧି ପାଇଛି। କିନ୍ତୁ ଖାଦ୍ୟ ସାମଗ୍ରୀ ବ୍ୟୟ ହ୍ରାସ ପାଇବାରେ ଲାଗିଛି। ଏହା ନିସନ୍ଦେହ ଯେ, ଅତ୍ୟଧିକ ଦରଦାମ ବୃଦ୍ଧି ଯୋଗୁଁ ଖାଦ୍ୟ ସମାଗ୍ରୀ ବ୍ୟୟ ଆପେ ଆପେ ସଂକୁଚିତ ହୋଇଛି। କିନ୍ତୁ ଏହା ନିଶ୍ଚିତ ଯେ, ଲୋକଙ୍କ ବ୍ୟୟ ଅନ୍ୟ ସାମଗ୍ରୀରେ ବଢିଛି। ଅନ୍ୟପକ୍ଷରେ ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଲୋକଙ୍କର ଆୟ ବୃଦ୍ଧି ପାଇଥିବାରୁ ଦାରିଦ୍ର୍ୟ ହାର ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୫କୋଟି ଲୋକ ଦାରିଦ୍ର୍ୟ ସୀମରେଖା ଠାରୁ ଉପରକୁ ଉଠିଥିବା ଅର୍ଥାତ ଦାରିଦ୍ର୍ୟ ମୁକ୍ତ ହୋଇଥିବା କେନ୍ଦ୍ର ସରକାର ଦାବି କରିଥିବାବେଳେ ଦେଶରେ ଦାରିଦ୍ର୍ୟ ହାର ଏବେ ୫ପ୍ରତିଶତ ତଳକୁ ହ୍ରାସ ପାଇଥିବା ନୀତି ଆୟୋଗ କହିଛି। ସେହିପରି ମୁଦ୍ରାସ୍ଫିତୀ ମଧ ଉପରମୁହାଁ ହୋଇଥିବା ପ୍ରକାଶ କରିଛି। ଉଲ୍ଲେଖ କରାଯାଇ ପରେ ଯେ, ଆମ ଦେଶରେ ପ୍ରତି ୫ବର୍ଷରେ ଥରେ ପାରିବାରିକ ଉପଭୋଗ ବ୍ୟୟ ସର୍ଭେ କରାଯାଇଥାଏ। ଏହି ସର୍ବେକ୍ଷଣରୁ ଦେଶବାସୀଙ୍କ ଆର୍ଥୀକ ସ୍ଥିତି ସୂଚାଇଥାଏ। ସେହିପରି ଜନସାଧାରଣଙ୍କ ଜୀବନଧାରଣର ମାନ ନେଇ ସମ୍ୟକ୍ ଚିତ୍ର ମଧ୍ୟ ପ୍ରଦାନ କରିଥାଏ। ବାସ୍ତବରେ ଏହି ସର୍ବେକ୍ଷଣରେ ପରିବାରଗୁଡିକ ଦ୍ୱାରା କେତେକ ପଦାର୍ଥ ବା ସାମଗ୍ରୀ ଏବଂ ସେବା ଉପଭୋଗ ବା ବ୍ୟବହାର କରାଯାଇଥାଏ, ସେ ନେଇ ତଥ୍ୟ ସଂଗ୍ରହ କରାଯାଇଥାଏ, ତହିଁର ଜନସାଧାରଣଙ୍କ ଆୟ, ବ୍ୟୟ ଏବଂ ଜୀବନଧାରଣର ମାନ ଅନୁମାନ କରାଯାଇପାରେ। ତେବେ ଶେଷଥର ପାଇଁ ୨୦୧୧-୧୨ର ରିପୋର୍ଟ ସାର୍ବଜନୀନ ହୋଇଥିବାବେଳେ ୨୦୧୭-୧୮ରେ ସର୍ଭେ କରାଯାଇଥିବା ସତ୍ତ୍ୱେ ରିପୋର୍ଟକୁ ସରକାର ଏହାକୁ ସାର୍ବଜନୀନ କରିନଥିଲେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଲିକ୍ ହୋଇଥିବା ରିପୋର୍ଟରୁ ଜନସାଧାରଣଙ୍କ ଉପଭୋଗ ବ୍ୟୟ ହ୍ରାସ ପାଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ତେବେ ଏବେ ଖାଦ୍ୟ ସାମଗ୍ରୀରେ ବ୍ୟୟ ହ୍ରାସ ଏବଂ ଧନୀ ଓ ଗରିବ, ସହରାଚଂଳ ଓ ଗ୍ରାମାଚଂଳବାସୀଙ୍କ ମଧ୍ୟରେ ଅସମାନତା ବୃଦ୍ଧି ପାଇଥିବା ରିପୋର୍ଟ ସଂକେତ ପ୍ରଦାନ କରୁଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ପୁରୀ

ସଂଯୁକ୍ତା ଦାଶ



କେଜାଣି କେତେ ମାଦକତା ସେ ନାଁରେ
କେତେ ଅଦ୍ଭୁତ ସେ ଅନୁଭବମାନେ
ଦୌଡିଯାନ୍ତି ଶୋଣିତର ଦ୍ରୁତଗାମୀ ସ୍ରୋତ ହୋଇ
ପ୍ରତିଟି ଜୀବକୋଷ ଆଉ ଶିରା ପ୍ରଶିରାରେ
ଆଉ କିଛି ଦୃଶ୍ୟ ଶ୍ରବ୍ୟ ସ୍ପର୍ଶ ଆକର୍ଷି ପାରେନା
ସ୍ମୃତି ବିସ୍ମୃତ ହୋଇଯାଏ
ସ୍ୱର ନିଃଶବ୍ଦ ହୋଇଯାଏ
ଅନ୍ତିମ ପ୍ରାର୍ଥନା ଲୀନ ହୋଇଯାଏ
ଉଡ୍ଡୀୟମାନ ପତିତପାବନର
ଦିବ୍ୟ ଦୋଳନ ଭିତରେ

ମାତ୍ର କେତେ କୋଷ ବାଟ ଅସରନ୍ତି ଲାଗେ
ରାଜପଥ ଦୁଇ ପାର୍ଶ୍ୱର ଶ୍ୟାମଳ ପ୍ରାନ୍ତର
ଦୟାର କ୍ଷୀଣ ସ୍ରୋତ ଧଉଳିର ସୁଉଚ୍ଚ ଶିଖର
କରିପାରେନା ଅନ୍ୟମନସ୍କ
ଉଦ୍‌ବିଗ୍ନ ଅସ୍ଥିର ମନ
ଦୂର ଦିଗ୍‌ବଳୟର ପ୍ରସ୍ତ ପ୍ରସ୍ତ ମେଘ ଉହାଡ଼ରୁ
ଖୋଜୁଥାଏ ସେଇ ଚିର ଈପ୍‌ସିତ ନୀଳ ଚକ୍ରର ଚିତ୍ରାଙ୍କନ !

ବାଟ ସରି ସରି ଆସୁଥାଏ
ଅଷ୍ଟାଙ୍ଗ ଶରୀରର ତୀବ୍ର କମ୍ପନ
ଆର୍ଦ୍ର ଆଖି ପ୍ରଖର ନିଃଶ୍ୱାସ ଦ୍ରୁତତମ ହୃତ୍‌ସ୍ପନ୍ଦନ
ଯୁଗ ଯୁଗରୁ ଦେଖିନି ସତେକି
ଅପରୂପ ସେ ଚକାନୟନ
ସମୁଦ୍ର ଲହଡ଼ି ପରି ଲୋକ ଧାଡି ଧାଡି
କିଏ ଊର୍ଦ୍ଧ୍ୱ ବାହୁ କିଏ ନତ ଜାନୁ
ଭକ୍ତଙ୍କ ଏ ଅସମ୍ଭାଳ ଭିତରେ
ମୁଁ ଛାର ଅନାମଧେୟ
ତଥାପି କି ଆସ୍ପର୍ଦ୍ଧା
ଜଗା ପରା ଗୋଟାପଣେ ମୋର !
ଅରୁଣ ସ୍ତମ୍ଭରୁ ପତିତ ପାବନ
ଆହା କି ଚମତ୍କାର
କାଶୀ ବିଶ୍ୱନାଥ ବାଇଶି ପାହାଚ
ବଟଗଣେଶ ମୁକ୍ତିମଣ୍ଡପ
ବିମଳା କମଳା ନୃସିଂହ ନାଥ
ଆଉ ଯେତେ ଦେବ ଦେବୀ
ସବୁଠାରେ ଯନ୍ତ୍ରବତ ପ୍ରଣିପାତ
ମନଯେ ଲାଖିଛି ରତ୍ନବେଦୀ ପାଖେ
ନବଗ୍ରହଙ୍କ ପାଖରୁ ଜଗମୋହନ
ସତେ କ'ଣ ଏତେ ଦୂର ?

ଆଉ ଶକ୍ତି ନାହିଁ
ଅସରନ୍ତି ଭିଡର ସୁଅରେ
ଶୂନ୍ୟରେ ଭାସି ଯାଉଛି ମୁଁ
ନିଜେ ନିଜ ଆୟତ୍ତରେ ନାହିଁ
ଆଉ କେତେ ଦୂରେ ସେ ଈପ୍‌ସିତ ଦୃଶ୍ୟ
ଭାବୁ ଭାବୁ ଅଜାଣତେ ଆଖି ମୁଦି ଦେଲି
ଜୟ ଜଗନ୍ନାଥର ମିଳିତ ଚିତ୍କାରରେ
ଖୋଲିଗଲା ଆଖି...
ଏଇତ...ଚନ୍ଦନ ଅର୍ଗଳିରେ ମୁଁ..
ଆଉ ସୃଷ୍ଟିର ସକଳ ସୌନ୍ଦର୍ଯ୍ୟର ସମାହାର
ମଣି ମର୍କତ ଜିଣା କୃଷ୍ଣ ହୀରକ ଡୋଳା
ମୋ ଅନ୍ତରର ଅଣୁ ପରମାଣୁକୁ ଝଲସାଇ ଦେଉଛି
ଚକାଡୋଳା ଭିତରେ ନିଜକୁ ଲୀନ କରୁକରୁ
କଣ୍ଠରୁ ଅସଂଲଗ୍ନ କିଛି ଛିଟକି ପଡୁଛି
'ପୁରୀ ରୁ ନେବିନି ମୁଁ କିଛି...
ନିଜକୁ ଯେ ଏଠି ହଜାଇ ଦେବାକୁ ଆସିଛି' ।

ମୋ- ୮୪୨୦୮୯୬୫୪୬

## ସ୍ମୃତି ଜହ୍ନରାତି

ଶରତ ଦାଶ



କିଛି ସ୍ମୃତି ପୋଡ଼ି ହୁଅଇ ପାଉଁଶ
ସ୍ମରଣରେ ନାହିଁ ରହେ
ଆଉ କିଛି ସ୍ମୃତି କୁହୁଳି ପାଉଁଶ
ତଳ ନିଆଁ ହୋଇଯାଏ

ସ୍ମୃତି ଯା ଲିଭଇ ମନ ସିଲଟରୁ
ଆଉ ମନେ ପଡେ ନାହିଁ
କିଛି ଛାଡିଯାଏ ଗଭୀର ପ୍ରତୀକ
ଧୋଇଲେ ବି ନ ଛାଡ଼ଇ

ପିଲାଦିନ ସ୍ମୃତି ସର୍ବଦା ପୁଲକେ
ଆଚ୍ଛନ୍ନ କରେ ମାନସ
ହୃଦୟୁ ବାହାରି ପୁଣି ଯାଏ ଫେରି
ହୃଦୟକୁ ମଣି ବାସ

ପ୍ରିୟାର ସ୍ମରଣ କରଇ ଉଚ୍ଛନ୍ନ
ତନୁ ମନ ସର୍ବସତ୍ତା
ଯୌବନ ପରଶେ କଥା କହୁଥିଲା
ଯେବେ ନିସ୍ୱ ନିରବତା

କାଳର କୁରାଳ ଚକ୍ରରେ ମାନବ
ଅହରହ ନିଷ୍ପେସିତ
ଆଖିବୁଜିଦେଲେ ସ୍ମୃତି ଚହଟଇ
ବହଇ ମଳୟ ବାତ

କେତେ ଖଟା ମିଠା ତିକ୍ତ ଅନୁଭୂତି
ସ୍ମୃତିରେ ଉଠନ୍ତି ମାତି
କେବେ ସେ ଖରାର ନିର୍ମମ ଆକ୍ରୋଶ
କେବେ ଶୀତଦିନ ରାତି

କେତେ ପ୍ରିୟ ବନ୍ଧୁ ଜ୍ଞାତି ପରିଜନ
ମରି ବି ଜୀବିତ ମନେ
ଛବି ତାଙ୍କ ଦିଶେ ଅତି ପରିଷ୍କାର
ସ୍ମରଣର ଉପବନେ

ସମୟ ଆସିଲେ ନିଜେ ବି ହୋଇବି
ମୁଠାଏ ସ୍ମୃତିର ଫୁଲ
ଯିବି ଆରପୁର ମୋହନନଗର
ଭାଗ୍ୟ ଯଦି ଥିବ ଭଲ

ସ୍ମୃତି ପୀଡ଼ାଦାୟୀ ସ୍ମୃତି ବି ଶୀତଳ
ମିଠା ମିଠା ଜହ୍ନରାତି
ସ୍ମୃତିକୁ ସ୍ମୃତିରେ ରଖି ପୁହାଇବି
ଉଜାଗରେ ଏଇ ରାତି ।

ଭୁବନେଶ୍ୱର



## ଛିନ୍ନ ସମ୍ପର୍କର ଛବି

ରତ୍ନକାନ୍ତି ମିଶ୍ର

ପୂଣ୍ୟତୋୟା ପଟ୍ଟନାୟକ, ଏକଦା ମୋର ବେଷ୍ଟ ଫ୍ରେଣ୍ଡ ଥିଲା । ତା' ସହିତ ମୋର ସମ୍ପର୍କ ଗଢି ଉଠିଥିଲା ରମାଦେବୀରେ । ଇଂରାଜୀ ଅନର୍ସ ନେଇ ସେ ମୋ ସାଙ୍ଗରେ ପଢୁଥିଲା ବେଳେ ଭିନ୍ନ ଭିନ୍ନ କଲେଜରୁ ପ୍ଲସ୍ ଟୁ ସାରି ରମାଦେବୀ କଲେଜରେ ଦୁହେଁ ଆଡ୍‌ମିଶନ ନେଇଥିଲୁ । ତା' ଘର ସୁଦୂର ଭବାନୀପାଟଣା ତ ଆମ ଘର କେନ୍ଦ୍ରାପଡା । ତିନି ବର୍ଷ ଭିତରେ ଦୁହେଁ କିନ୍ତୁ ଖୁବ୍ ସୁନ୍ଦର ଟାଇମ୍ ସେୟାର କରିଥିଲୁ । ପାଠପଢ଼ା ଠାରୁ ଆରମ୍ଭ କରି ଫଙ୍କସନ୍ କିମ୍ବା ଯେକୌଣସି କାର୍ଯ୍ୟକ୍ରମରେ ଆମେ ଦୁହେଁ ପରସ୍ପରକୁ ପାଖରେ ପାଉଥିଲୁ । ସାଧାରଣତଃ ଲାଜକୁଳୀ ସ୍ୱଭାବର ପୂଣ୍ୟା ମୋ ସହିତ କିନ୍ତୁ ମିଶୁଥିଲା । ମୋଟାମୋଟି ଗୋଟିଏ ସୁନ୍ଦର ସମ୍ପର୍କ ଆମ ଭିତରେ ଗଢି ଉଠିଥିଲା ।

ଥାର୍ଡ ଇୟର ରେଜେଲ୍ଟ ବାହାରିଲା ଦିନ ତା' ସହିତ ମୋର ଶେଷ ଦେଖା ହୋଇଥିଲା । ଆମ ଦୁହିଁଙ୍କର ସମାନ ପରସେଣ୍ଟ ଦେଖି ପରସ୍ପରକୁ ଖୁସିରେ ଆଲିଙ୍ଗନ କରିଥିଲୁ । ଆମ ଠାରୁ ପିଲା ଆହୁରି ଅଧିକା ସଫଳ ହୋଇଥିଲେ ମଧ୍ୟ ଆମକୁ ଯେମିତି କିଛି ଫରକ୍ ପଡ଼ିନଥିଲା । ଦୁହେଁ ଦୁହିଁଙ୍କର କଣ୍ଟାକ୍ଟରେ ରହିବାକୁ ପ୍ରମିଜ୍ କରି ସେଦିନ ଘରକୁ ଫେରିଥିଲୁ ।

ହେଲେ ହଠାତ୍ ସେ ସମ୍ପର୍କରେ ଯବନିକା ପଡିଯାଇଥିଲା । ସେ ପୁଣି ଆମ ଶେଷ ସାକ୍ଷାତର ଦୁଇ ମାସ ଭିତରେ । ମୁଁ ଉତ୍କଳ ୟୁନିଭରସିଟରେ ପିଜିରେ ସିଟ୍ ପାଇଯାଇଥିଲି ହେଲେ ଲିଷ୍ଟରେ ପୁଣ୍ୟାର ନାଁ ନଥିଲା । ସବୁଠୁ ବଡ଼ କଥା ହେଲା ତା'ର ମୋବାଇଲ ନମ୍ବର କାର୍ଯ୍ୟକ୍ଷମ ନାହିଁ ବୋଲି କେତେଦିନ ଧରି ଦର୍ଶାଉଥିଲା । ଭାବିଥିଲି ଉତ୍କଳ ୟୁନିଭରସିଟରେ ଆମର ନିଶ୍ଚୟ ଦେଖା ହେବ ବୋଲି । ସେଥିରେ ବି ନିରାଶ ହୋଇ ମର୍ମାହତ ହେଲି ।

ପିଜି ପଢିବା ଭିତରେ ପୂଣ୍ୟା ବିଷୟରେ ରୋଚକ ଖବରଟିଏ ପାଇଲି । ଯାହା ମୋତେ ଯେତିକି ଆନନ୍ଦିତ କଲା ସେତିକି ଆଶ୍ଚର୍ଯ୍ୟାନ୍ୱିତ କଲା । ଶୁଣିଲି ରମାଦେବୀ ଛାଡିଲାର ଅଳ୍ପ ଦିନ ଭିତରେ ତା'ର ବାହାଘର ହୋଇଯାଇଥିଲା । ସେ ବାହାଘର ତା'ର ଇଚ୍ଛା ବିରୁଦ୍ଧରେ ହଠାତ୍ କରାଯାଇଥିଲା । ସେଥିପାଇଁ ସେ ମନ ଦୁଃଖରେ କାହା ସହିତ ଯୋଗାଯୋଗରେ ନଥିଲା । ହେଲେ ଆଉ କେତେ ଜଣ ଭିନ୍ନ କଥା କହୁଥିଲେ । ସେ କୁଆଡେ ଘରୁ ଲୁଚି ପଳେଇ ଯାଇ ମ୍ୟାରେଜ୍ କରିଥିଲା ତା'ର ବୟଫ୍ରେଣ୍ଡକୁ । ସେଥିପାଇଁ ସେ ନିଜର ଫୋନ୍ ନମ୍ବର ବଦଳାଇଥିଲା । ହେଲେ ଏ ବିଷୟରେ ମୋ ସହିତ କେବେବି ସେୟାର କରିନଥିଲା ବୋଲି ମୋର ମନଦୁଃଖ ବି ହେଲା । ଧିରେ ଧିରେ ଆମ ସମ୍ପର୍କ କଟିଯାଇଥିଲା କହିଲେ ଚଳେ ।

ହେଲେ ସେଇ ତିନି ବର୍ଷର ମିଳାମିଶା ଭିତରେ ପୂଣ୍ୟତୋୟା ମୋ ହୃଦୟରେ ଘରଟିଏ କରି ବସିଥିଲା । ବେଳ ଅବେଳରେ ସେ ସ୍ମୃତିରେ ଆସି ମୋତେ ପୁଲକିତ କରିଦିଏ । ସେ ସେମିତି କିଛି ଅନୁଭବ କରୁଥିବ ବୋଲି ମୋର ବି ମନେହୁଏ ।

ବାହାଘର ପରେ ମୁଁ ବାଙ୍ଗାଲୋରରେ ସେଟେଲ୍ ହେଲି । କାରଣ ହଜବ୍ୟାଣ୍ଡଙ୍କ ସଫ୍ଟୱେୟାର କମ୍ପାନୀର ଏଇଠି ହିଁ ମୁଖ୍ୟ କାର୍ଯ୍ୟାଳୟ । ମୁଁ ଗୋଟିଏ ସିବିଏସଇ ସ୍କୁଲରେ ଇଂରାଜୀ ଟିଚର ଭାବରେ ଯୋଗଦେଲି ।

ଏଇ ସମୟ ଭିତରେ କିଛି ବର୍ଷ ଗଡି ଯାଇଥିଲା । ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଭିତରେ ହଠାତ୍ ଦିନେ ଚିହ୍ନା ମୁହଁଟିଏ ଦେଖିଲି । ହେଲେ ଦ୍ୱିଧାରେ ପଡ଼ିଗଲି । ଆମରି ସାଙ୍ଗରେ ପଢୁଥିବା ଜୟା ଯେ ବାଙ୍ଗାଲୋରରେ ଦେଖା ହେବ ବିଶ୍ୱାସ ହେଉନଥିଲେ ମଧ୍ୟ ନିଜ ଆଡୁ ତାକୁ ଚିହ୍ନା ଦେଲି । ମୋ ଅନୁମାନ ସଠିକ୍ ଥିଲା । ସବୁଠୁ ଖୁସି କଥା ହେଲା ତା'ଠାରୁ ପୂଣ୍ୟତୋୟାର ଫୋନ୍ ନମ୍ବର ପାଇଗଲି । ହେଲେ ସେ ଦୁଇ ଜଣଙ୍କର ଦୀର୍ଘ ଦିନ ଧରି କଥା ହୋଇନଥିବା କଥା ଜାଣିଲି ।

ଟ୍ରୁ କଲର୍‌ରୁ ନମ୍ବରଟି ପୂଣ୍ୟତୋୟାର ବୋଲି ନିଶ୍ଚିତ ହେଲି । ମନ ଭିତରେ ଖୁସିର ଲହରୀ ଖେଳିଯାଉଥିଲା ଯେମିତି । ଆଃ, କେତେ ଦିନ ପରେ ପୂଣ୍ୟା ସହ କଥାହେବି । ସେ ଖୁବ୍ ଆଶ୍ଚର୍ଯ୍ୟ ହୋଇଯିବ ନିଶ୍ଚୟ । ତାକୁ ଆଗ ଗାଳି ଦେବି ନା ମୋତେ ଚିହ୍ନି ପାରୁଛୁ କି ନାହିଁ ତାକୁ ଅଭିମାନ ବଶତଃ କହିବି ! ଏମିତି ସବୁ ଭାବନାରେ ଭିଜି ସେଦିନ ସନ୍ଧ୍ୟାରେ ଫୋନ୍ ଲଗାଇଲି ।

ଫୋନ୍ ରିଂ ହେଉଛି ଆଃ, ପୂଣ୍ୟା ଶୀଘ୍ର ଫୋନ୍ ଉଠା... ! ହେଲେ ଟିକିଏ ପରେ ଫୋନ୍ କଟିଗଲା । ପୁଣି ଥରେ ଚେଷ୍ଟା କଲି ଏଥର କିନ୍ତୁ ଫୋନ୍ ରିଂ ହେଉ ହେଉ କଟିଗଲା । ପୂଣ୍ୟା ଯେ ଜାଣିଶୁଣି ଫୋନ୍ କାଟି ଦେଉଛି ବୁଝିବାକୁ ମୋର ଆଉ ବାକି ନଥିଲା । କାରଣ କ'ଣ ହୋଇପାରେ ? କାହିଁକି ସେ ମୋଠୁ ଦୂରେଇ ରହିବାକୁ ଚାହୁଁଛି ? ଅତଏବ ତାକୁ ଆଉ ବିରକ୍ତ କରିବାକୁ ଚାହିଁଲିନାହିଁ ।

ଏ ଘଟଣାର ଗୋଟିଏ ଦିନ ପରେ ପ୍ରାୟ ସନ୍ଧ୍ୟା ଆଠଟା ବେଳକୁ ମୋ ମୋବାଇଲ ସ୍କ୍ରିନ୍‌ରେ ଦିଶିଲା ପୂଣ୍ୟାର ନମ୍ବର । ହେଲେ ମୁଁ ଅଭିମାନ ବଶତଃ ଫୋନ୍ କାଟିଦେଲି । ପୁଣି ଥରେ ରିଂ ହେଲା ତ ଆଉ ନିଜକୁ ଫୋନ୍ ଧରିବାରୁ ନିବୃତ୍ତ କରାଇ ପାରିଲିନି ।

- ହାଲୋ.. ହାଲୋ..!! ମୁଁ କ୍ଷଣେ ରହିଗଲି । ଟିକିଏ ପରେ 'ହାଲୋ' ବୋଲି ସମ୍ବୋଧନ ଫେରାଇଲି ।

- ଗାର୍ଗୀ... ରାଇଟ୍ ? କିଛି ଦିନ ତଳେ ଆପଣଙ୍କ ନମ୍ବରରୁ କଲ୍ ଆସିଥିଲା.. ମୁଁ ଭାଇନା କହୁଛି । ମିସେସ୍ ବହୁତ କଥା କହନ୍ତି ଆପଣଙ୍କ ବିଷୟରେ । ରମାଦେବୀରେ ଆପଣ ଦୁହେଁ ସାଙ୍ଗ ଥିଲେ ଠିକ୍?

- ହଁ, ଠିକ୍ କହିଛନ୍ତି ଆପଣ ।

ମୁଁ ଟିକିଏ ଥତମତ ହେଲି । ପୂଣ୍ୟା କାହିଁକି କଥା ହେଉନି ? ମନେ ମନେ ଭାବୁଥିଲି ।

- ଆଣ୍ଟି ମୁଁ ପଲ୍ଲବୀ କହୁଛି । ଆପଣ କିଛି ଦିନ ତଳେ ଯେଉଁ ଫୋନ୍ କରିଥିଲେ ମୁଁ ଫୋନ୍ କାଟି ଦେଇଥିଲି । ସେତେବେଳେ ମାମା ପାଇଁ ପୂଜା ହେଉଥିଲା । ମୁଁ ଆପଣଙ୍କୁ ଚିହ୍ନି ନଥିଲି ତ' ଫୋନ୍ କାଟି ଦେଇଥିଲି । ସରି ଆଣ୍ଟି । ପଲ୍ଲବୀ ସ୍ୱର କାନ୍ଦ କାନ୍ଦ ଶୁଭୁଥିଲା ଶେଷ ବେଳକୁ ।

- ଆଣ୍ଟି , ମୁଁ ଏବେ ଅଜାଙ୍କ ଘରେ ରହୁଛି । ପୃଥଭି ବାବାଙ୍କ ସହ ଏଇଠି ରହୁଛି । ଟିକିଏ ରହି ଥଙ୍ଗ ଥଙ୍ଗ ସ୍ୱରରେ କହିଲା ପଲ୍ଲବୀ । ପୁରା ତା ମାମା କଣ୍ଠସ୍ୱରକୁ ଛଡାଇ ଆଣିଛି ଯେମିତି !

- ହେଲେ ମାମା କେଉଁଠି ? ତା' ପାଇଁ କି ପୂଜା ହେଉଛି... ? ବାବାଙ୍କୁ ଫୋନ୍ ଦିଏ ତ !

- ଲଙ୍ଗସ୍‌ରେ କିଛି ଡ଼ିଫେକ୍ଟ ଥିଲା । ସବୁ କିଛି ଚେଷ୍ଟା ଆମର ବୃଥା ଗଲା । ପୂଣ୍ୟା ଆମକୁ ଛାଡି ଯିବାର ବର୍ଷଟିଏ ହେଲା । ଗତକାଲି ତା'ର ଶ୍ରାଦ୍ଧବାର୍ଷିକୀ ଥିଲା । ସେଇ କଥା ଝିଅ କହୁଥିଲା । ପୂଣ୍ୟା ହଜବ୍ୟାଣ୍ଡଙ୍କ ସ୍ୱର ବଡ଼ କରୁଣ ଶୁଭୁଥିଲା ମୋତେ ।

ପୂଣ୍ୟତୋୟା ବାଙ୍ଗାଲୋରରେ ଥିଲା, ଅଥଚ ଆମେ କେବେ ଦେଖା ହେଇପାରିନଥିଲୁ । ବୋଧହୁଏ ଈଶ୍ୱରଙ୍କର ସେୟା ହିଁ ଇଛା ଥିଲା । ତା'ର ଝିଅ ପଲ୍ଲବୀ, ପୁଅ ପୃଥଭି । ମୁଁ ଭିତରେ ଭିତରେ ଭାଙ୍ଗି ପଡୁଥିଲି ଯେମିତି ।

- କାଲି ସନ୍ଧ୍ୟାରେ ମୁଁ ଯିବି ଆପଣଙ୍କ ଘରକୁ । ପୁରା ଆଡ୍ରେସ୍ ଦିଅନ୍ତୁ । ପିଲା ଦୁହିଁଙ୍କୁ ଦେଖି ଆସିବି ଟିକିଏ ।

- ଆଣ୍ଟି କାଲି ଆସିବ ନିଶ୍ଚୟ । ମୁଁ ଗାଁରୁ ବଢିଆ ବରକୋଳି ଆଣିଛି । ତୁମେ ଭଲପାଅ ନା..! ମାମା କହୁଥିଲେ..!

ଫୋନ୍ ରଖି ମନଭରି କାନ୍ଦିଲି... ଆଉ କାନ୍ଦିଲି ପୁରା ହାଲକା ଲାଗିବା ପର୍ଯ୍ୟନ୍ତ...!

ଏବେବି ବର୍ଷକୁ ବର୍ଷ ସେ ନମ୍ବରରୁ ଥରେ ଲେଖା ମେସେଜ୍ ଆସେ, ପୂଣ୍ୟତୋୟାର ପୂଣ୍ୟତିଥି ନିମନ୍ତ୍ରଣ ! ପୂଣ୍ୟତୋୟା ପରି ବନ୍ଧୁଟିଏ ସବୁବେଳେ ବଞ୍ଚି ରହନ୍ତି ହୃଦୟରେ...!!!!

ଆଳି, କେନ୍ଦ୍ରାପଡା

## ଭଲ ହବ

ସରସ୍ୱତୀ ପଣ୍ଡା

ତୁମକୁ ମୋର ବୋଲି ଭାବିଦେଲେ
ମନରେ ଭରିଯାଏ ଅପାର ଆନନ୍ଦ
ଖେଳି ବୁଲେ ଅଦେଖା ଶିହରଣ,
ଫୁଲଠୁ କୋମଳ
ଅତରଠୁ ବାସ୍ନାମୟ
ଆଉ ଶୀତଠୁ ଶୀତଳ ହୁଏ
ଜ୍ୱଳନ୍ତ ମଧ୍ୟାହ୍ନ

ତମ ଆସିବା ଖୁସିରେ ହସିଉଠେ ଦିଗ
ଆକାଶ ସାରା ଚହଟି ଯାଏ ରଙ୍ଗ
ଥୁଣ୍ଟାଗଛ ମାନେ ପଲ୍ଲବିତ ହୁଅନ୍ତି
ନଦୀ ହୁଏ ପୂର୍ଣଗର୍ଭା
ମେଘରାଣୀ ଚୁପ ଚୁପ କଥା ହୁଏ
ଧୀରେ ଧୀରେ ଓଦାହୁଏ ମାଟିର ଛାତି
ଓଠରୁ ଝରୁଥାଏ ଧାରେ ପ୍ରେମ ଆଉ ଧାରେ ପ୍ରୀତି

ଆଖିର କାନ୍‌ଭାସରେ ଅଙ୍କାହୁଏ ତୁମ ଛବି
ଛବିରେ କୃଷ୍ଣ ରଙ୍ଗକୁ ମୁକ୍ତା ଝରା ହସ



ଭାରି ମାନେ ଚମକିଲା ମୁଖମଣ୍ଡଳକୁ
ବୟସକୁ ଥା' କହୁଥାଏ କଳା ଘୁମର କେଶ
ସେଇଠି ଶେଷ ହୁଏ ଆୟୁତ ଯୁଗର ଶୋଷ,
ଆଶାର ବର୍ଷାରେ ପୋତାହୁଏ ମଞ୍ଜି
ଫିଟିପଡ଼େ ସ୍ୱପ୍ନ
ଇଚ୍ଛାସବୁରେ ଲାଗିଯାଏ ଡେଣା
ସେସବୁ ଉଡୁଥାନ୍ତି ଉଡୁଥାନ୍ତି ଦୂରରୁ ଦୂରକୁ ନିର୍ଭୟରେ ନିରହଙ୍କାରରେ
ନିରଳସ ଭାବରେ
କେଜାଣି, କୋଉଠୁ ଆସେ ଏତେ ସାହସ, ଏତେ ଦମ୍ଭ ?
ସବୁ କିଛି ସାମ୍ନା କରିବାର ଧର୍ଯ୍ୟ ଆପେ ଆପେ ଆସିଯାଉଛି ଯେମିତି
ସତରେ, ତମେ ଆସିବା ମୋ ପାଇଁ
ଆଶୀର୍ବାଦ କୋଉ ଦେବତାର ବା ଦେବୀଙ୍କର
ନ ହେଲେ ଏ ଧୂ ଧୂ ଖରାବେଳେ
ନିଛାଟିଆ ରାସ୍ତାରେ ତମେ ଛତାଟିଏ ଧରି କାହିଁକି ବା ଆସିଥାନ୍ତ କୁହ ?
ଯାହା ହଉ, ତମେ ଆସିଲ ଭଲ କଲ
ଖୁବ ଭଲ କଲ
ଆଉ ଆଗକୁ ଯାହା ହବ ସବୁ ଭଲ ହବ, ଖୁବ ଭଲ ହବ, ସବୁ ଠିକ୍ ହବ ।

ଶ୍ରୀରାମ ପୁର,ମଙ୍ଗଳପୁର, ଯାଜପୁର
ମୋ- ୭୬୦୮୯୪୦୭୨୩

## ବ୍ୟତିକ୍ରମ

ମଞ୍ଜୁଲତା ସାହୁ



ମୁଁ ନୀରବଧି ରହିଗଲି ଚୁପଚାପ୍
ମୋର ସମସ୍ତ କଳ୍ପନା ଜଳ୍ପନାର ଅସୁମାରୀ ସୌଧ ନେଲେ ଯେବେ ଜୀଅନ୍ତା କବର,

ତୁମର ସମସ୍ତ ପ୍ରବୃତ୍ତି ନିବୃତ୍ତି
ଅଥବା ପ୍ରତିଶ୍ରୁତି ମାନେ
ଶୋଇଗଲେ ଚିରନିଦ୍ରା କାଳ, ଅତିକାଳ ମହାକାଳ ଯାଏ....

ଆଉ ଥରେ ଅନାନ୍ତକି ଭାବପ୍ରବଣତାରେ
ପୁଣି ଆରମ୍ଭ କରନ୍ତେ ନୂତନ ଅଦ୍ଧ...
ପୁଣି ଗପନ୍ତେ ଆମେ ଭାଷା ହୀନ ଶବ୍ଦ ବିନିମୟରେ,
ଆବିଷ୍କାର କରନ୍ତେ
ପରସ୍ପରକୁ ଭାବହିନ ଚାହାଣୀରେ ଆଉ ସ୍ପର୍ଶ ହିନ ଆଲିଙ୍ଗନରେ....
କିଛି ଗୋଟେ
ବ୍ୟତିକ୍ରମ ହୁଅନ୍ତା ଆମପାଇଁ....

ମଧ୍ୟାହ୍ନରେ ଜହ୍ନ ହସନ୍ତା ଆମକୁ ଦେଖି ଆଉ ନିଶାର୍ଦ୍ଧରେ ସୂର୍ଯ୍ୟ ଝାଉଁଳି ପଡନ୍ତା ଲାଜରେ...
କଦମ୍ବଟା ହେଇଯାଆନ୍ତା
ବାସନ୍ତୀର ଆଉ ମଲ୍ଲୀ ଶ୍ରାବଣୀର...
ଭୂମିରୁ ଭୂମା ଯାଏ
ବଦଳି ଯାଆନ୍ତା ସବୁକିଛି...
ବତାସ ଧିର ହୁଅନ୍ତା ଆଉ ଆକାଶ ଥିର ହୋଇ ରହାନ୍ତା ଆମ ଦୁହିଁଙ୍କୁ,
ସବୁ କିଛି
ବ୍ୟତିକ୍ରମ ହୋଇ ଯାଆନ୍ତା ଆମପାଇଁ....!!

କାମାକ୍ଷାନଗର

## ଭିନ୍ନ ପରିଭାଷା ପ୍ରେମର

ନିରଞ୍ଜନ ସାହୁ



ବେଳେବେଳେ ପୁଣି ପ୍ରାଣର ପ୍ରେମିକା
ଭାଉଜ ଭୂମିକା ନିଅଇ

ବେଳେବେଳେ ପୁଣି ଭାଉଜ ରାଣୀଟା
ପ୍ରେମିକାର ରୂପ ଦିଅଇ

ପ୍ରେମର ପ୍ରଚଣ୍ଡ ଆକର୍ଷଣ ଆଣେ
ଏମିତିଆ କିଛି ଖବର
ପରିସ୍ଥିତି ପରିବେଶ ବଦଳିକି
ଘଟଣା ଘଟଇ ଜବର
ନିଜର ଦୁଃଖକୁ ଭୁଲିଯିବା ପାଇଁ
ପୁରୁଷଟା ମଦ ପିଅଇ

ନାରୀର ଚରିତ୍ର ସହଜେ ବଦଳେ
ପୁରୁଷ ଭୁଲି ନ ପାରଇ
ଆପଣା ଭାଗ୍ୟକୁ ଧିକ୍କାର କରିକି
ନିଜ ଗାଲେ ନିଜେ ମାରଇ
ସବୁ ଦେଖି ସବୁ ନ ଦେଖିବା ପରି
ଜୀବନଟା ଯାହା ଜୀଅଇ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩

# ସେଣ୍ଟ୍ରାଲ ଚୁକ୍ତିକୁ ନେଇ ବିସିସିଆଇ କଠୋର : ୨ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଅଭ୍ୟାସ ଆରମ୍ଭ କଲେ ପାଣ୍ଡ୍ୟା



**ନୂଆଦିଲ୍ଲୀ**

ବିସିସିଆଇର କଠୋର କାର୍ଯ୍ୟାନୁଷ୍ଠାନ ପରେ କେନ୍ଦ୍ରୀୟ ଚୁକ୍ତିରେ ଥିବା ଖେଳାଳିଙ୍କ ମଧ୍ୟରେ ଭୟ ସଂଚର ହୋଇଛି। ଗତ ଦିନିକିଆ ବିଶ୍ୱକପ୍ ଅଧାରୁ ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରି ନାହାନ୍ତି। ବିସିସିଆଇ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ସ୍ଥାନ ଦେଇଥିଲେ ମଧ୍ୟ ହାର୍ଦ୍ଦିକ ମନରେ ଭୟ ଖେଳିଯାଇଛି। ତେବେ ସେ ଇତି ମଧ୍ୟରେ ସୁସ୍ଥ ହୋଇ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି।

ଏହାର ଅର୍ଥ ହେଉଛି, ସେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁ ନଥିଲେ ଘରୋଇ କ୍ରିକେଟ୍ ଖେଳିବା ଆବଶ୍ୟକ। ପାଣ୍ଡ୍ୟା ବିସିସିଆଇକୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଯଦି ଅନ୍ତର୍ଜାତୀୟ ମ୍ୟାଚ୍ ନଥାଏ ତେବେ ଘରୋଇ ଦିନିକିଆ କ୍ରିକେଟ୍ ଖେଳିବି। ଆୟର ଓ କିଷନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ପରେ ଇର୍ଫାନ ପଠାନ ଅଲରାଉଣ୍ଡର ପାଣ୍ଡ୍ୟାଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

ବ୍ୟାଟର ଶ୍ରେୟାସ ଆୟର ଓ ୱିକେଟ୍‌କିପର ବ୍ୟାଟର ଈଶାନ କିଷନଙ୍କୁ ସମର୍ଥନ ଜଣାଇଛନ୍ତି ପୂର୍ବତନ ଅଲରାଉଣ୍ଡର ଇରଫାନ ପଠାନ। ସୋସିଆଲ ମିଡିଆ ଏକ୍ସରେ ସେ ଲେଖିଛନ୍ତି, ଆୟର ଓ କିଷନ ପ୍ରତିଭାବାନ ଖେଳାଳି। ସେମାନେ ପୁଣି ଫେରିବେ। ଯଦି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଖେଳାଳି ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିବାକୁ ଚାହୁଁନାହାନ୍ତି, ତେବେ ସେମାନେ ଜାତୀୟ ଦଳରୁ ଦୂରେଇ ରହି ଘରୋଇ ଦିନିକିଆ କ୍ରିକେଟ୍ ଖେଳିବେ ତ? ଯଦି ସମସ୍ତଙ୍କ ପାଇଁ ନୀତି ସମାନ ନହେବ, ତେବେ ଭାରତୀୟ କ୍ରିକେଟ୍ ଆଶାନୁରୂପ ଫଳ ପାଇ ପାରିବ ନାହିଁ।

# ମେ' ୧ରେ ଟି-୨୦ ବିଶ୍ୱକପ୍ ୨୦୨୪ ପାଇଁ ଘୋଷଣା ହେବ ଟିମ୍ ଇଣ୍ଡିଆ !



**ନୂଆଦିଲ୍ଲୀ**

ଆଇସିସି ଟି-୨୦ ବିଶ୍ୱକପ ୨୦୨୪ ଜୁନ୍ ୨ରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱକପ୍‌ର କ୍ରୀଡ଼ାସୂଚୀ ମଧ୍ୟ ଜାରି ହୋଇ ସାରିଛି। ଏବେ ପ୍ରଶଂସକଙ୍କୁ ଅପେକ୍ଷା କେବେ ଅଂଶଗ୍ରହଣକାରୀ ଦେଶ ନିଜର ଦଳ ଘୋଷଣା କରିବେ। ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୪ ପାଇଁ ଦଳ ଘୋଷଣା କରିବାର ଶେଷ ତାରିଖ ମେ' ୧ ତାରିଖ ରହିଛି। ତେବେ ଆଇସିସି ପକ୍ଷରୁ ଏହାକୁ ନେଇ କୌଣସି ଆନୁଷ୍ଠାନିକ ବୟାନ ଜାରି କରାଯାଇ ନାହିଁ। ସ୍ପୋର୍ଟ୍ସତକର ଖବର ଅନୁଯାୟୀ ମେ ୧ ତାରିଖ ସୁଦ୍ଧା ଦଳ ଘୋଷଣା ହୋଇଯିବ। କେବଳ ଏତିକି ନୁହେଁ ପ୍ରତ୍ୟେକ ଦଳ ପାଖରେ ଅଭ୍ୟାସ ମ୍ୟାଚ ଖେଳିବାର ବିକଳ୍ପ ମଧ୍ୟ ରହିଛି। ଦଳଗୁଡ଼ିକ ଆୟୋଜକ ସ୍ଥଳରେ ପହଞ୍ଚିବା ହିସାବରେ ଅଭ୍ୟାସ୍ ମ୍ୟାଚ୍ ଖେଳିବାର ବିକଳ୍ପ ବାଛି ପାରିବେ।

ସ୍ପୋର୍ଟ୍ସତକ ଅନୁଯାୟୀ, ଆଇସିସି ଟି-୨୦ ବିଶ୍ୱକପ ୨୦୨୪ରେ ଅଂଶଗ୍ରହଣକାରୀ ସମସ୍ତ ଦଳକୁ ମେ' ୧ ତାରିଖ ସୁଦ୍ଧା ୧୫ ଜଣିଆ ଦଳ ଘୋଷଣା କରିବାକୁ ପଡ଼ିବ। ଆଉ ଦଳରେ ପରିବର୍ତ୍ତନର କରିବାର ଶେଷ ତାରିଖ ମେ' ୨୫ ତାରିଖ ପର୍ଯ୍ୟନ୍ତ ରହିଛି। ଯଦି ନିର୍ଦ୍ଧାରିତ ସମୟ ପରେ ଯଦି କୌଣସି ଦଳ ନିଜର ଖେଳାଳି ପରିବର୍ତ୍ତନ କରିବାକୁ ଚାହିଁବେ ତେବେ ଆଇସିସିର ବୈଷୟିକ କମିଟିର ଅନୁମତି ନେବାକୁ ପଡ଼ିବ। ଏହା ସହିତ ଖୁବ୍ ଶୀଘ୍ର ଆଇସିସି ଟି-୨୦ ବିଶ୍ୱକପ ୨୦୨୪ର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯିବ। ଜୁନ୍ ୨ ତାରିଖରେ ଆମେରିକା ଓ କାନାଡ଼ା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ପ୍ରଥମ ଥର ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଆଇସିସିର ଦୁଇ ସହାୟକ ଦେଶ ମଧ୍ୟରେ ଖେଳାଯିବ।

ଭାରତ ଲିଗ୍ ପର୍ଯ୍ୟାୟରେ ୪ଟି ମ୍ୟାଚ୍‌ରୁ ୩ଟି ମ୍ୟାଚ ନ୍ୟୁୟର୍କରେ ଖେଳୁଥିବା ବେଳେ ଗୋଟିଏ ମୁକାବିଲା ଲଡରହିଲ୍‌ରେ ଖେଳିବ। ଭାରତୀୟ ଦଳର ପ୍ରଥମ ମ୍ୟାଚ୍ ଜୁନ ୫ ତାରିଖ ଆୟରଲାଣ୍ଡ ବିପକ୍ଷରେ ରହିଛି। ଜୁନ ୯ ତାରିଖରେ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଜୁନ ୧୨ ତାରିଖରେ ଆମେରିକା ବିପକ୍ଷରେ ତୃତୀୟ ଏବଂ ଜୁନ ୧୫ରେ କାନାଡ଼ା ବିପକ୍ଷରେ ନିଜର ଶେଷ ଲିଗ୍ ମ୍ୟାଚ୍ ଖେଳିବ ଭାରତ।

## ଆଇପିଏଲ ପୂର୍ବରୁ ଆୟୋଜିତ ହେବ ୯୦ ବଲ ମ୍ୟାଚ୍

**କୋଲକାତା**

ଆଇପିଏଲ ୨୦୨୪ ପାଇଁ ସିଡ୍ୟୁଲ ଘୋଷଣା ହୋଇ ସାରିଛି। ମାର୍ଚ୍ଚ ୨୨ରୁ ଏହା ଆରମ୍ଭ ହେବ। ଏପରିସ୍ଥଳେ ପ୍ରଶଂସକଙ୍କ ପାଇଁ ଖୁସି ଖବର ଆସିଛି। ସେମାନେ ଆଇପିଏଲ ଭଳି ଅନ୍ୟ ରୋମାଞ୍ଚକର ଲିଗ୍‌ର ଆନନ୍ଦ ନେଇ ପାରିବେ। ଆଇପିଏଲ ଭଳି ଅନ୍ୟ ଏକ ଲିଗର ଘୋଷଣା କରାଯାଇଛି। ଏହି ଲିଗ୍‌ରେ ଚୌକା-ଛକାର ବର୍ଷାହେବ। ୯୦ ବଲର ଏହି ଲିଗରେ ଭାରତ ଏବଂ ଅନ୍ୟ ଦେଶର ବ୍ୟାଟ୍ସମ୍ୟାନଙ୍କ ଧୂଆଁଧାର ବ୍ୟାଟିଂ ଦେଖିବାକୁ ମିଳିବ।

## ଘରୋଇ କ୍ରିକେଟ୍‌କୁ ଅଣଦେଖା କରୁଥିବା ଖେଳାଳିଙ୍କ ଉପରେ ବର୍ଷିଲେ କପିଲ ଦେବ



**ନୂଆଦିଲ୍ଲୀ**

ବିସିସିଆଇ ବୁଧବାର ୨୦୨୩-୨୪ ପାଇଁ ଭାରତୀୟ ପୁରୁଷ କ୍ରିକେଟ ଦଳର କେନ୍ଦ୍ରୀୟ ଅନୁବନ୍ଧ ଘୋଷଣା କରିଛି। ଏଥର ଅନେକ ତାରକା ଓ ଅନୁଭବୀ ଖେଳାଳିଙ୍କୁ ବୋର୍ଡ କେନ୍ଦ୍ରୀୟ ଅନୁବନ୍ଧରୁ ବାଦ୍ ଦେଇଛି। ଇଶାନ କିଶନ ଓ ଶ୍ରେୟସ ଆୟରଙ୍କୁ କେନ୍ଦ୍ରୀୟ ଅନୁବନ୍ଧରୁ ବାହାର କରି ବୋର୍ଡ ଯୁବ ଖେଳାଳିଙ୍କୁ କଡ଼ା ସନ୍ଦେଶ ଦେଇଛି। ବିସିସିଆଇର ଏହି ନିଷ୍ପତ୍ତିକୁ ଅଧିକାଂଶ ପୂର୍ବତନ କ୍ରିକେଟର ସଠିକ ବୋଲି କହିଛନ୍ତି। ଆଉ କିଛି ପୂର୍ବତନ ଖେଳାଳି ଉଭୟ ଖେଳାଳି ପ୍ରତ୍ୟାବର୍ତ୍ତନ କରି ପାରିବେ ବୋଲି ଆଶା ରଖିଛନ୍ତି। ଏହା ମଧ୍ୟରେ ଭାରତର ମହାନ ଅଧିନାୟକ ତଥା ପୂର୍ବତନ ଖେଳାଳି କପିଲ ଦେବ ମଧ୍ୟ ବିସିସିଆଇ ଦ୍ୱାରା ଘରୋଇ କ୍ରିକେଟରକୁ ଅଣଦେଖା କରୁଥିବା କ୍ରିକେଟରଙ୍କୁ କେନ୍ଦ୍ରୀୟ ଅନୁବନ୍ଧରୁ ବାହାର କରିବା ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।

ଭାରତର ମହାନ ଅଲରାଉଣ୍ଡର କପିଲ ଦେବ ରଣଜୀ ଟ୍ରଫି ପରି ପ୍ରତିଷ୍ଠିତ ପ୍ରଥମ ଶ୍ରେଣୀ କ୍ରିକେଟକୁ ବଞ୍ଚାଇ ରଖିବା ପାଇଁ ବିସିସିଆଇର ନିଷ୍ପତ୍ତିକୁ ଜରୁରୀ ପଦକ୍ଷେପ ବୋଲି କହିଛନ୍ତି। କପିଲ କହିଛନ୍ତି, କିଛି ଖେଳାଳିଙ୍କୁ ସମସ୍ୟା ହୋଇପାରେ, କିଛି ଲୋକଙ୍କୁ କଷ୍ଟ ହୋଇପାରେ, ମାତ୍ର ଦେଶଠୁ ବଳି ଆଉ କିଛି ନାହିଁ। ବିସିସିଆଇ ସଠିକ ପଦକ୍ଷେପ ନେଇଛି। ଏହି ପଦକ୍ଷେପ ପାଇଁ ମୁଁ ବିସିସିଆଇକୁ ଅଭିନନ୍ଦନ ଜଣାଉଛି। ମୁଁ ଏହା ଦେଖି ଦୁଃଖିତ ଥିଲି ଯେ, ଯେବେ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରି ଦିଏ ତା'ପରେ ଘରୋଇ କ୍ରିକେଟ୍‌କୁ ଅଣଦେଖା କରି ଚାଲନ୍ତି। ସୂଚନାଯୋଗ୍ୟ, ଇଶାନ କିଶନ ଗତ ବର୍ଷ ଦକ୍ଷିଣ ଆଫ୍ରିକା ଗସ୍ତରୁ ଓହରିବା ପରେ ଝାଡ଼ଖଣ୍ଡ ପକ୍ଷରୁ ରଣଜୀ ଟ୍ରଫି ଖେଳି ନ ଥିଲେ। ଏହା ବଦଳରେ ସେ ଆଇପିଏଲ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଇଶାନଙ୍କ ଏମିତି ଏତାଦୃଶ୍ୟ ଦେଖି ବିସିସିଆଇ ସ୍ପଷ୍ଟ ଶବ୍ଦରେ କହିଥିଲା ଯେ, କେନ୍ଦ୍ରୀୟ ଅନୁବନ୍ଧ ଖେଳାଳି ଦଳରୁ ବାହାରେ ଥିଲେ ଘରୋଇ କ୍ରିକେଟ ଖେଳିବା ଜରୁରୀ। ତଥାପି ଇଶାନ ଓ ଶ୍ରେୟସ ଆୟର ବୋର୍ଡର ଆଦେଶକୁ ଅଣଦେଖା କରିଥିଲେ। ଏହାପରେ ବିସିସିଆଇ ଦୁଇ ଖେଳାଳିଙ୍କୁ କେନ୍ଦ୍ରୀୟ ଅନୁବନ୍ଧରୁ ବାଦ୍ ଦେଇଛି।

# ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ଦଳର ୩୪ତମ ଜାତୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିଅନସିପ୍ ପାଇଁ ତାମିଲନାଡୁ ଗସ୍ତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ଯୁବ କ୍ରୀଡ଼ା ବିଭାଗର ସହାୟତାରେ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ଦଳର ୩୪ତମ ଜାତୀୟ ଟେନିସ୍ ବଲ୍ କ୍ରିକେଟ ଚାମ୍ପିଅନସିପ୍ ପାଇଁ ରାମନାଥପୁରମ ତାମିଲନାଡୁ ଠାରେ ମାର୍ଚ୍ଚ ୨ ତାରିଖ ରୁ ୫ ତାରିଖ ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୩୪ତମ ଜାତୀୟ ସିନିଅର ଟେନିସ୍ ବଲ କ୍ରିକେଟ ଚାମ୍ପିଅନସିପ୍ ପାଇଁ ଓଡ଼ିଶା ଦଳ ଗସ୍ତ କରିଛନ୍ତି।

ଓଡ଼ିଶା ରାଜ୍ୟ ଯୁବ କ୍ରୀଡ଼ା ବିଭାଗର ଭାରପ୍ରାପ୍ତ ଅଧିକାରୀ ସନାତନ ସାହୁ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଥିଲେ, ଓଡ଼ିଶା ରାଜ୍ୟ ଯୁବ କ୍ରୀଡ଼ା ବିଭାଗ ଓଡ଼ିଶା ଟେନିସ୍ ବଲ କ୍ରିକେଟ ଦଳକୁ ସହାୟତା କରିଥିବାରୁ ଓଡ଼ିଶା ଦଳର ସଭାପତି ସୁରଜ ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ସୋମନାଥ ପରିଡ଼ା, ଦଳୀୟ କୋଚ୍ ରଞ୍ଜନ ନାୟକ ଓ ଓଡ଼ିଶା ଦଳର ବରିଷ୍ଠ କୋଚ୍ ଚକ୍ରଧର ମାଝୀ ଓଡ଼ିଶା ରାଜ୍ୟ ଯୁବ କ୍ରୀଡ଼ା ବିଭାଗ ପାଖରେ କୃତଜ୍ଞତା ଜଣାଇଛନ୍ତି।

ଓଡ଼ିଶା ଟେନିସ୍ ବଲ କ୍ରିକେଟ ଦଳ- ଅମୃତ କୁମାର ଦାସ, ବିଶ୍ୱରଂଜନ ମାଟି, ଅଭୟ ଦାସ, ଆଗ୍ନାଦୁତ ଜେନା, ସୁଦାମ ବେହେରା, ଆଦର୍ଶ ଡିଗାଲ, ସତ୍ୟବ୍ରତ ବେହେରା, ଦେବାଶିଷ ପାଣିଗ୍ରାହୀ, ପ୍ରିୟବ୍ରତ ସ୍ୱାଇଁ, ରାଜ ପ୍ରିତମ ବାରିକ, ଶୋଭନ ବେହେରା, ରାଧାମାଧବ ବାରିକ, ରାଜେନ୍ଦ୍ର ସେଠୀ, ରଜତ କୁମାର ନାୟକ, କୋଚ୍ ଆଶିଷ କୁମାର ଡିଗାଲ, ମ୍ୟାନେଜର ସୁନିଲ କୁମାର ମହାରଣା।

## ମହିଳା ପ୍ରିମିୟର ଲିଗ୍ : ଆରସିବି ୨୫ ରନରେ ପରାସ୍ତ, ବିଜୟ ସହ ଟେବୁଲ ଶୀର୍ଷରେ ଦିଲ୍ଲୀ



**ବେଙ୍ଗାଲୁରୁ**

ମହିଳା ପ୍ରିମିୟର ଲିଗ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୨୫ ରନ୍‌ରେ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ। ଏହି ବିଜୟ ସହିତ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୫ ୱିକେଟ୍ ବିନିମୟରେ ୧୯୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ରୟାଲ୍ ଚ୍ୟାଲେଞ୍ଜର୍ସ ୯ ୱିକେଟ୍ ହରାଇ ୧୬୯ ରନ୍ କରିବାକୁ ସକ୍ଷମ ହୋଇଥିଲା।

୧୯୫ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ରୟାଲ୍ ଚ୍ୟାଲେଞ୍ଜର୍ସ ପ୍ରାରମ୍ଭରୁ ଆକର୍ଷଣୀୟ ବ୍ୟାଟିଂ କରିଥିଲା। ଅଧିନାୟିକା ସ୍ମୃତି ମନ୍ଧନା ଦର୍ଶନୀୟ ସଟ୍‌ମାନ ଖେଳି ଦ୍ରୁତ ବେଗରେ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୭୭ ରନ୍‌ର ଓପନିଂ ଭାଗିଦାରୀ ପରେ ସୋଫି ଡିଭାଇନ୍ ବ୍ୟକ୍ତିଗତ ୨୩ ରନ୍ କରି ଆଉଟ୍ ହୋଇଥିଲେ। ମନ୍ଧନା ଆକ୍ରମଣ ଜାରି ରଖି ଦଳୀୟ ସ୍କୋରକୁ ୧୧୨ରେ ପହଞ୍ଚାଇଥିଲେ। ସେ ୪୩ଟି ବଲରୁ ୧୦ଚୌକା, ୩ ଛକା ମାରି ୭୪ ରନ୍ କରି ଆଉଟ୍ ହେବା ପରେ ଘରୋଇ ଦଳ ଲୟ ହରାଇଥିଲା। ପରବର୍ତ୍ତୀ ବ୍ୟାଟର ମାନେ ନିରାଶ ଜନକ ପ୍ରଦର୍ଶନ ଦେଖାଇଥିଲା। ଶେଷରେ ଦଳୀୟ ସ୍କୋର ୯/୧୬୯ରେ ଅଟକି ଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଏସ୍.ମେଘନା ୩୬ ରନ୍ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଜେସ୍ ଜନାସେନ ୩ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ମାରିଜେନ କାପ ଓ ଅରୁନ୍ଧତି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ଧୂଆଁଧାର ବ୍ୟାଟିଂ କରିଥିଲା। ମେଗ ଲ୍ୟାନିଂ ୧୧ ରନ କରି ସହଜ ଆଉଟ୍ ହୋଇଥିଲେ ହେଁ ଅନ୍ୟ ଓପନର ଶେଫାଳି ଚୌକା ଓ ଛକା ବର୍ଷା କରିଥିଲେ। ଆଲିସ କ୍ୟାପ୍‌ସି ତାଙ୍କୁ ସହାୟତା କରିଥିଲେ। ଉଭୟ ୪୩ଟି ବଲରେ ୮୨ ରନ ସଂଗ୍ରହ କରିବା ଫଳରେ ଦଳୀୟ ସ୍କୋର ୧୧୦ରେ ପହଞ୍ଚିଥିଲା। ୩୧ଟି ବଲ୍‌ରୁ ୩ ଚୌକା ଓ ୪ଛକା ବଳରେ ୫୦ ରନ କରି ସେଫାଳି ଆଉଟ୍ ହୋଇଥିଲେ। ମଧ୍ୟ କ୍ରମ ବ୍ୟାଟରମାନେ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖାରୁ ଦଳୀୟ ସ୍କୋର ୧୯୪ରେ ପହଞ୍ଚିଥିଲା।

## ଝାରସୁଗୁଡ଼ା ଜିଲ୍ଲା ହକି ଦଳ ଆଇକନିକ୍ ହକି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭୁବନେଶ୍ୱରକୁ ଯାତ୍ରା

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ସିନିଅର ହକି ଦଳ ଟ୍ରେନ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିଅମ୍‌ରେ ପ୍ରଥମ ଥର ଆଇକନିକ ହକି ପ୍ରତିଯୋଗିତା ୨୦୨୪ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ବରିଷ୍ଠ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିଅନ୍‌ସିପ୍‌ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଓଡ଼ିଶା ପୋଲିସ, ସାଇ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା, ପାରାଦ୍ୱୀପ ପୋର୍ଟ, ଦକ୍ଷିଣ ପୂର୍ବ ରେଲୱେ, ଟାଟା ଏକାଡେମୀ ଓ ଝାରସୁଗୁଡ଼ା, ଓଡ଼ିଶାର ସର୍ବଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳରେ ଝାରସୁଗୁଡ଼ା ଇଙ୍ଗନୀରିଙ୍ଗ ସ୍କୁଲ, ପିପିକେଏସ୍‌ଏସ୍ କଲେଜ, ହଁ. କଟାପାଲି, ଲାଇକେରା ଓ ଝାରସୁଗୁଡ଼ା ଯାରପୋର୍ଟର ଦକ୍ଷ ଖେଳାଳିମାନେ ରହିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶାରେ ୮ଟି ଦଳ ମଧ୍ୟରେ ନିଜର ସ୍ଥାନ ସୃଷ୍ଟି କରି ପାରିଥିବାରୁ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରୱାନେ, ଝାରସୁଗୁଡ଼ା ଜିଲ୍ଲା ହକି ସଂଘର ସମ୍ପାଦକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱକେଶନ ପାଣ୍ଡେ, ସୁଶୀଲ ମିଶ୍ର ଏବଂ ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳର ଦଳପତି ଭାବେ ସଞ୍ଜୟ ଖାଲକୋ ରହିଥିବା ବେଳେ ଟିମ୍ ମ୍ୟାନେଜର ଭାବେ ସୁଶାନ୍ତ ବେହେରା ରହିଛନ୍ତି।

## ନେହେରୁ ଯୁବ କେନ୍ଦ୍ରର ଗ୍ରାମ୍ୟ କ୍ଲଷ୍ଟର ସ୍ତରୀୟ ସ୍ପୋର୍ଟସ ମିଟ୍



**ଟୁରେକେଲା, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ବଲାଙ୍ଗୀର ଓ ଜବାହାରଲାଲ ନେହେରୁ ଆଦିବାସୀ କ୍ଲବର ମିଳିତ ଆନୁକୂଲ୍ୟରେ ଚଟୁଅନକା ଠାରେ ଗ୍ରାମ୍ୟ କ୍ଲଷ୍ଟର ସ୍ତରୀୟ ସ୍ପୋର୍ଟସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମ୍ୟ କ୍ଲଷ୍ଟର ସ୍ତରୀୟ ସ୍ପୋର୍ଟସ ମିଟ୍‌ରେ ଜବାହାରଲାଲ ନେହେରୁ ଆଦିବାସୀ କ୍ଲବର ସଭାପତି ସହଦେବ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ବିଶିକେସନ ମାଝୀ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ୱାର୍ଡ ମେମ୍ବର ପ୍ରତିନିଧି ମୋହନ ମାଝୀ, ଦେବରାଜ ମାଝୀ, ଦୂର୍ଜେ ଝଙ୍କାର ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ।ଫୁଟ୍‌ବଲ ଓ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୌଡ଼ ପ୍ରତିଯୋଗିତାରେ ସିନିୟର ଗ୍ରୁପ୍ ଖୀରସିନ୍ଧୁ ମାଝୀ ପ୍ରଥମ, ଦେବା ମାଝୀ ଦ୍ୱିତୀୟ, ନିବାସ ଦାସ ତୃତୀୟ, ଜୁନିୟର ଗ୍ରୁପ୍‌ରେ କଞ୍ଚନ ମାଝୀ ପ୍ରଥମ, ସୁଶିଲ ପଟେଲ ଦ୍ୱିତୀୟ, ନରେନ୍ଦ୍ର ମାଝୀ ତୃତୀୟ ସ୍ଥାନରେ ବିଜୟୀ ହୋଇଥିଲେ। ଭଲିବଲ୍‌ରେ ବେଚ୍ଛୁବହାଲିକୁ ହରାଇ ଘନମହୁଲ ଟିମ୍ ବିଜୟୀ ହୋଇଥିଲେ।

ପ୍ରଥମେ ଚଟୁଅନକା ଓ କୁର୍ଲୁବାହାଲ ମଧ୍ୟରେ ଫୁଟ୍‌ବଲ୍ ମ୍ୟାଚ୍ ସେମିଫାଇନାଲ ହୋଇଥିଲା। ଏହି ମ୍ୟାଚ୍‌ରେ ଚଟୁଅନକା ୧.୦ରେ କୁର୍ଲୁବାହାଲକୁ ପରାସ୍ତ କରି ଫାଇନାଲ ପହଞ୍ଚିଥିଲେ। ଦ୍ୱିତୀୟ ସେମଫାଇନାଲରେ ଘନାମହୁଲ ଓ ଧୂମସୁ ମଧ୍ୟରେ ମ୍ୟାଚ୍ ହୋଇଥିଲା ଓ ଏହି ମ୍ୟାଚ୍‌ରେ ପ୍ଲାଷ୍ଟିକ୍‌ରେ ଧୂମସୁ ବିଜୟୀ ହୋଇ ଫାଇନାଲ ପହଞ୍ଚିଥିଲେ।

ଚଟୁଅନକା ଓ ଧୂମସୁ ମଧ୍ୟରେ ଫାଇନାଲ ହୋଇଥିଲା। ଏଥିରେ ୩ଟି ଗୋଲରେ ଧୁମସୁକୁ ପରାସ୍ତ କରି ଚଟୁଅନକା ବିଜୟୀ ହୋଇଥିଲେ। ଏହି ମ୍ୟାଚରେ ରେଫରି ଭାବେ, ଭାସ୍କର ଭୋଇ ଜ୍ୟୋତିରଞ୍ଜନ ପଣ୍ଡା, ଚୌଧରି ମାଝି ପରିଚଳନା କରିଥିଲେ। ନେହେରୁ ଆଦିବାସୀ କ୍ଲବ ଉପସଭାପତି ବିସିକେସନ ମାଝୀ ସ୍ୱାଗତ କରିଥିଲେ, ରାଇସିଂ ପୁଟେଲ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଜନକ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସହ ସମ୍ପାଦକ କିଶୋର ମାଝୀ, କୋଷାଧକ୍ଷ ମୁଖରାମ ମାଝୀ, ସଦସ୍ୟା ଦଶରଥ ମାଝୀ, ରୂପା ମାଝୀ, ରାଜ ମାଝୀ, ଅଭିମନ୍ୟୁ ଛତ୍ରିଆ, ତପନ ମାଝୀ, ରସିନ୍ଧୁ ମାଝୀ, ଗୋବିନ୍ଦ ମାଝୀ, କୈଳାସ ଦାସ ନନ୍ଦ ମାଝୀ, ଦେବ୍‌ଚନ ମାଝୀ, ଝଜ ମାଝୀ, କ୍ରୀଷ୍ଣା ମାଝୀ, ବିଶାଳ ମାଝୀ, ଉତ୍ତମ କୈବର୍ତ୍ତ ପ୍ରେମ ମାଝୀ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## କୁଶପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ୍ ଫାଇନାଲ ମ୍ୟାଚ୍ : ମଙ୍ଗଳା କ୍ଲବ୍ କଟକ ବିଜୟୀ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ଷ୍ଟାଡ଼ିଅମ ପଡ଼ିଆରେ କୁଶପଟନାଏକ ସ୍ମାରକୀ ଫୁଟ୍‌ବଲ୍ ଫାଇନାଲ ଟୁର୍ଣ୍ଣାମେଣ୍ଟରେ ଜଗୟୁନାଇଟ୍ରେଡ଼ ଭୁବନେଶ୍ୱରକୁ ୩-୨ ଗୋଲରେ ପରାସ୍ତ କରି ମଙ୍ଗଳା କ୍ଲବ୍ କଟକ ବିଜୟୀ ହୋଇଛି। ଏହି ଖେଳର ପ୍ରଥମାର୍ଦ୍ଧରେ ଜଗୟୁନାୟି ଟ୍ରେଡ଼ ୨-୧ରେ ଆଗରେ ଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ମଙ୍ଗଳା କ୍ଲବ୍ କଟକ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ଦୁଇଟି ଗୋଲ ଦେବାରୁ ୩-୨ ଗୋଲରେ ଜଗୟୁନାୟିଟ୍ରେଡ଼ ଭୁବନେଶ୍ୱରକୁ ହରାଇ ବିଜୟୀ ହୋଇଥିଲା। ଏହି ଖେଳକୁ ମୁଖ୍ୟ ରେଫରୀ ଶିବଶଙ୍କର ପଣ୍ଡା ଦ୍ୱିତୀୟ ତୃତୀୟ ରେଫରୀ ଭାବେ ସୁଜିତ କୁମାର ପାତ୍ର, ଶିବ ପ୍ରସାଦ ସାମନ୍ତ ରାୟ ଖେଳ ପରିଚାଳନା କରିଥିଲା ବେଳେ ଶ୍ରେଷ୍ଠ ଖେଳାଳି ଭାବେ ମଙ୍ଗଳା କ୍ଲବର ୧୩ ନମ୍ବର ଖେଳାଳି ବାପୁନି ବିଧଣୀ ପୁରସ୍କୃତ କରାଯାଇ ଥିଲା। ଏହି ଖେଳରେ କ୍ରୀଡ଼ା ସଂସଦର ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର କ୍ରୀଡ଼ାସଂସଦର ସଭାପତି ତଥା ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ମନୋରଞ୍ଜନ ପଟ୍ଟନାଏକ ଏବଂ ପ୍ରଭାରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଓଲିଉଡ଼ ସିନେ ତାରକା ଭୂପିନ୍ଦର, ବିଜୟାଲକ୍ ଏବଂ ଶୁଭଲକ୍ଷ୍ମୀ ଉପସ୍ଥିତ ରହି ଦର୍ଶକମାନଙ୍କୁ ଉତ୍ସାହ କରିଥିଲେ। ବରିଷ୍ଠ ସାମ୍ବାଦିକ ମଦନପାଣି ଧାରା ବିବରଣୀ ପ୍ରଦାନ କରିଥିଲେ।

# କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ (କିସ୍)ର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପି.କେ. ମିଶ୍ର



**ଭୁବନେଶ୍ୱର, ପିଆଇବି**

ଏସଟିଇଏମ (ଷ୍ଟେମ୍) ବିଷୟରେ ଝିଅ ମାନଙ୍କର ନାମଲେଖା ବୃଦ୍ଧି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ସାକାର କରିବ : ଡକ୍ଟର ପି.କେ. ମିଶ୍ର।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପି.କେ. ମିଶ୍ର ଶୁକ୍ରବାର କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ (କିସ୍)ରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଛନ୍ତି। ସେ ଉତ୍ସାହୀ ଛାତ୍ରଛାତ୍ରୀମାନଙ୍କୁ ଭାରତର ଭବିଷ୍ୟତ ଏବଂ ଆସନ୍ତାକାଲିର ନାରୀ ଶକ୍ତି ବୋଲି କହିଥିଲେ।

ସମାଜର ମୂଳଦୁଆ ଭାବେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା, ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବା ଉପରେ ଡକ୍ଟର ପି.କେ. ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଏହି ଭବିଷ୍ୟତର ସ୍ଥାପକ ଭାବରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ସେମାନଙ୍କ ଶିକ୍ଷାର ମହତ୍ତ୍ୱକୁ କେବେ ବି ହାତଛଡ଼ା ନ କରିବାକୁ ସେ ଅନୁରୋଧ କରିଥିଲେ। ସେ କହିଥିଲେ ଯେ, ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ଯେ ଏହି ସୁଯୋଗକୁ ଉପଯୋଗ କରି ଶିଖନ୍ତୁ, କଠିନ ଅଧ୍ୟୟନ କରନ୍ତୁ ଏବଂ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରନ୍ତୁ। ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡିକୁ ସ୍ୱୀକାର କରି ଡକ୍ଟର ପି.କେ. ମିଶ୍ର ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେମାନେ ସେମାନଙ୍କ ଯାତ୍ରାରେ ଏକା ନୁହଁନ୍ତି। ଉତ୍ସର୍ଗୀକୃତ ଶିକ୍ଷକ, ସହପାଠୀଙ୍କୁ ବୁଝିବା ଏବଂ ସେମାନଙ୍କର ସାମର୍ଥ୍ୟରେ ବିଶ୍ୱାସ କରୁଥିବା ପରିବାରକୁ ନେଇ ଗଠିତ ସହାୟତା ବ୍ୟବସ୍ଥା ଉପରେ ସେ ଆଲୋକପାତ କରିଥିଲେ। ପରସ୍ପରକୁ ସମର୍ଥନ କରିବା, ପରସ୍ପରକୁ ଆଗକୁ ବଢ଼ିବା ପାଇଁ ଦେବା ଏବଂ ପରସ୍ପରର ସଫଳତାକୁ ପାଳନ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ କ୍ଷେତ୍ରରେ ଭାରତର ଅଗ୍ରଗତିକୁ ପ୍ରଶଂସା କରିବା ସହ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଦୃଷ୍ଟିକୋଣ ଉପରେ ଆଲୋକପାତ ସେ କରିଥିଲେ। ମହିଳା ବୈଜ୍ଞାନିକ, କ୍ରୀଡ଼ାବିତ୍ ଏବଂ ସଶସ୍ତ୍ର ବାହିନୀର ଯବାନମାନଙ୍କର ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଉଦାହରଣ ଦେଇ ସେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଏବଂ ଏହାକୁ ହାସଲ କରିବା ପାଇଁ ନିରନ୍ତର ପ୍ରୟାସ କରିବାକୁ ଅନୁରୋଧ କରିଥିଲେ। ଅଧିକରୁ ଅଧିକ ଝିଅ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ) ପାଠ୍ୟକ୍ରମରେ ନାମ ଲେଖାଇ ଭଲ ପ୍ରଦର୍ଶନ କରୁଛନ୍ତି ବୋଲି ସେ କହିଥିଲେ।

ଏହାବ୍ୟତୀତ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶିକ୍ଷଣ ସୁଯୋଗ ଭାବରେ ଆହ୍ୱାନଗୁଡ଼ିକୁ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଭବିଷ୍ୟତର ଆହ୍ୱାନର ମୁକାବିଲା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅନନ୍ୟ ପ୍ରତିଭା, ଅଭିନବ ଚିନ୍ତାଧାରା ଏବଂ ଅତୁଟ ଭାବନାର ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ, ନିଜ ସ୍ୱର ଉତ୍ତୋଳନ କରିବାକୁ ଭୟ କର ନାହିଁ, ତୁମେ ଯାହା ବିଶ୍ୱାସ କର ସେଥିପାଇଁ ଠିଆ ହୁଅ ଏବଂ ପରିବର୍ତ୍ତନ ସୃଷ୍ଟି କର।

ଶେଷରେ ଡକ୍ଟର ପି.କେ. ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଭାବରେ ଚମକିବା ହେବା ସହ ବିଶ୍ୱକୁ ନିଜର ସାମର୍ଥ୍ୟ ଦେଖାଇବାକୁ ଆହ୍ୱାନ ଦେଇଥିଲେ। ସେମାନେ ଶିକ୍ଷାରେ ଉତ୍କୃଷ୍ଟ ହେବା ସହିତ ନିଜ ପାଇଁ ଏବଂ ଦେଶ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଦାୟିତ୍ୱବାନ ନାଗରିକ ହୋଇପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

**BLOCK SWASTHYA SAMITY, DHENKANAL**
**BLOCK PROGRAMME MANAGEMENT UNIT, CHC KHAJURIAKATA**
**NATIONAL HEALTH MISSION**

Notice No. 102 Date. 1.3.2024 E-905

Sealed tenders are invited from reputed agencies/ individuals for engagement of Hirinf the vehicle in the CHC Khajriakata. The details regarding application format, terms and conditions of the tenders may be download from district website i.e. www.dhenkanal.nic. In. The tenders should reach the office of the undersigned latest by 16.03.2024, 5.00 PM through speed post. Registered post/ courier only. The tender will be opened on 18.03.2024 at 2.30 PM in the office of the undersigned in presence of the bidders/authorized representative of the bidders. The undersigned is not responsible for any postal delay and reserves all right to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

-Sd-
Medical Officer I/C, CHC Khajuriakata, Dhenkanal

OIPR : 10154/11/0001/2324

**No. 11 / 79 / BMC Dt. 01.03.2024**
**BHUBANESWAR MUNICIPAL CORPORATION**
**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. BMC-EE-DD-38/2023-24 dtd. 01.03.2024**

C-3295

On behalf of the Commissioner, Bhubaneswar .Municipal Corporation (BMC), on-line e-tender **Percentage Rate Bids** are invited by the Superintending Engineer. Drainage Division, and BMC from the intending and eligible class/category of bidders in conformity with the Detailed tender Call Notice for execution of the works mentioned in the DTCN.

1. Total No. of works for which Tenders invited **17Nos.**
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: **Rs. 4,16,945/- to Rs. 37,36,948/-**
4. **Class of Contractors- Class 'D & C' to Class-'C & B'**
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **12.30 PM on Dt 04.03.2024 to 5.00 P.M on Dt 13.03.2024** for online bidding.
7. Bids received online w ill be opened at **11.00A.M. on Dt.14.03.2024**
8. Any corrigendum will be displayed in the websites https://www.tendersodisha.gov.in.

Further details can be seen from the **e-Procurement portal** https://www.tendersodisha.gov.in.

On behalf of Commissioner, BMC, Bhubaneswar

**Sd/- Superintending Engineer**
Drainage Division. BMC

OIPR-13002/11/0313/2324





# କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ସମ୍ବଲପୁରରୁ ମୌର୍ଯ୍ୟ ଏକ୍ସପ୍ରେସର ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଷ୍ଟେସନ ଠାରେ ସମ୍ବଲପୁର-ହଟିଆ-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି।



ଗୋରଖପୁର-ହଟିଆ-ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସର ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ସମ୍ବଲପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଙ୍ଗାଲୀର ବିଧାୟକ ନାଉରି ନାୟକ ଉପସ୍ଥିତ ଥିବାବେଳେ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶୁକ୍ରବାର ଶୁଭାରମ୍ଭ ହୋଇଥିବା ଟ୍ରେନ ସମ୍ବଲପୁରରୁ ଏକ ସ୍ୱତନ୍ତ୍ର ଟ୍ରେନ ଭାବରେ ଚଳାଚଳ କରିଛି। ଏହି ଟ୍ରେନର ନିୟମିତ ଚଳାଚଳ ସମ୍ପର୍କରେ ଖୁବ୍ ଶୀଘ୍ର ସୂଚନା ଦିଆଯିବ। ହଟିଆ ଏବଂ ଗୋରଖପୁର ମଧ୍ୟରେ ଏହି ଟ୍ରେନ ପାଇଁ ସ୍ଥିରୀକୃତ ରହଣି ଷ୍ଟେସନ ଓ ସମୟ ସାରଣୀରେ କୌଣସି ପରିବର୍ତ୍ତନ କରାନଯାଇ ଏହି ଟ୍ରେନ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି।

ସମ୍ବଲପୁରକୁ ଏହି ଟ୍ରେନର ସମ୍ପ୍ରସାରଣ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଲୋକଙ୍କ ପାଇଁ ଏକ ପରିବର୍ତ୍ତନକାରୀ ଯାତ୍ରା ସଂଯୋଗ ହେବ। ଏହି ଟ୍ରେନ ସମ୍ବଲପୁରରୁ ଗୋରଖପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ପଶ୍ଚିମ ଓଡ଼ିଶାର ବାସିନ୍ଦାଙ୍କ ପାଇଁ ବ୍ୟବସାୟ, ଶିକ୍ଷା, ତୀର୍ଥ ଯାତ୍ରା ଏବଂ ଚିକିତ୍ସା ଭଳି ବିଭିନ୍ନ କାରଣରୁ ଯାତ୍ରା କରିବା ପାଇଁ ଏକ ଜୀବନ ରେଖା ଭାବରେ କାର୍ଯ୍ୟ କରିବ। ଏହା ବ୍ୟତୀତ ଏହା ଗୋରଖପୁର ଏବଂ ସମ୍ବଲପୁର ମଧ୍ୟରେ ସିଧାସଳଖ ସଂଯୋଗ ଥିବା ପର୍ଯ୍ୟଟନ ଏବଂ ସାଂସ୍କୃତିକ ବିନିମୟକୁ ମଧ୍ୟ ବୃଦ୍ଧି କରିବ। ସମ୍ପ୍ରସାରଣ ମାର୍ଗରେ ଏହି ଟ୍ରେନ ହଟିଆ ଓ ସମ୍ବଲପୁର ମଧ୍ୟରେ ରେଙ୍ଗାଲି, ଝାରସୁଗୁଡ଼ା ଏବଂ ରାଉରକେଲା ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ। ପ୍ରାରମ୍ଭରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେ ଅତିଥିଗଣଙ୍କୁ ସ୍ୱାଗତ କରିବା ସହିତ ଏହି ଟ୍ରେନ୍‌ର ଉପକାରିତା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ।

# ବାଲେଶ୍ୱର ଜିଲ୍ଲାରେ ୩୦କୋଟି ୫୯ଲକ୍ଷ ୨୫ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ପୋଲିସ ଲାଇନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରୁ ଆସିଥିବା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ନୂଆ ଓଡ଼ିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ପ୍ରେରଣା ଦେଇଥିଲେ। ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଥିଲେ ଯେ ଏହା ଯୁବକ ଯୁବତୀମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ ଯୋଗ ଦେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।



ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ନୂଆ-ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ୭୧ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୩୦ କୋଟି ୫୯ ଲକ୍ଷ ୨୫ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଖୁବ୍ ଶୀଘ୍ର ସ୍ମାର୍ଟ କାର୍ଡ ଯୋଗାଇ ଦିଆଯିବ ଯାହା ଦ୍ୱାରା ସେମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଛାତ୍ରବୃତ୍ତି ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂଆ-ଓ କାର୍ଯ୍ୟକ୍ରମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ପ୍ରତିଭାରେ ସାରା ଓଡ଼ିଶା ଓ ଦେଶ ଗର୍ବ କରୁ ଏବଂ ସେମାନଙ୍କର ଦକ୍ଷତା ଅଧିକ ବିକାଶ ତଥା ସୁନ୍ଦର ଭବିଷ୍ୟତ ପାଇଁ ଓଡ଼ିଶା ସରକାର ନୂଆ ଓ ଛାତ୍ରବୃତ୍ତି ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ। ଅର୍ଥ ଅଭାବରୁ କୌଣସି ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ଲାଭ କରିବାରୁ ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ଆରମ୍ଭ ହୋଇଛି ନୂଆ-ଓ ଛାତ୍ରବୃତ୍ତି। ଏହି ଯୋଜନା ଅନ୍ତର୍ଗତ ସାଧାରଣ ଓ ଓବିସି ବର୍ଗର ପ୍ରତ୍ୟେକ ଯୋଗ୍ୟ ଛାତ୍ରୀ ୧୦ ହଜାର ଓ ପ୍ରତ୍ୟେକ ଯୋଗ୍ୟ ଛାତ୍ର ୯ ହଜାର ଟଙ୍କା ବୃତ୍ତି ପାଇବେ। ସେହିଭଳି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ର ଓ ଛାତ୍ରୀ ତଥା ନିର୍ମାଣ ଶ୍ରମିକ ଅଧିନସ୍ଥ ଛାତ୍ର ଓ ଛାତ୍ରୀଙ୍କ ପାଇଁ ଏହି ଅର୍ଥ ରାଶି ଯଥାକ୍ରମେ ୧୦ ହଜାର ଏବଂ ୧୧ ହଜାର ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବରେ ଏହାର ତଦାରଖ କରିଥିଲେ। ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ନିଜର ଯୋଗଦାନ କରି ଏହାକୁ ସଫଳ କରାଇଥିଲେ।

# କଟକ ସହରବାସୀଙ୍କ ଉଦ୍ଦେଶ୍ୟରେ ବକ୍ସଡ୍ରେନ୍ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ୧୦ ବର୍ଷ ପରେ ବକ୍ସଡ୍ରେନ୍ ଯନ୍ତ୍ରଣାରୁ କଟକ ସହରବାସୀଙ୍କୁ ମୁକ୍ତି ମିଳିଛି। ଗୁରୁବାର ବକ୍ସଡ୍ରେନ୍‌ର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଏହି ବକ୍ସଡ୍ରେନ୍‌କୁ କଟକ ସହରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ୪୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ପ୍ରାୟ ୩ କି.ମି.ର ବକ୍ସଡ୍ରେନ। ବର୍ଷାଜଳରେ ଉବୁଟୁବୁ କଟକ ସହରକୁ ଏଥିରୁ ରକ୍ଷା କରିବା ପାଇଁ ମୁଖ୍ୟ ଡ୍ରେନ୍ ସହ ଏହି ବକ୍ସଡ୍ରେନ ନିର୍ମାଣ ହୋଇଛି। ୧୧ କି.ମି. ବ୍ୟାପୀ ଏହି ଡ୍ରେନ୍‌ରୁ କେବଳ ବକ୍ସ ଡ୍ରେନ୍ ହେଉଛି ପ୍ରାୟ ୩ କି.ମି.। ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟର ଭିତ୍ତିଭୂମି ପ୍ରଥମେ ୨୦୧୩ ରେ ପଡ଼ିଥିଲା। କିନ୍ତୁ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଠିକା ସଂସ୍ଥାର ଚୁକ୍ତିକୁ ବାତିଲ କରି ଦିଆଯାଇଥିଲା। ପରେ ଏଥିପାଇଁ ଆଉ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଡ୍ରେନ୍ କାର୍ଯ୍ୟ ଚାଲିଥିଲେ ମଧ୍ୟ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାଇକା ପରେ ଦାୟିତ୍ୱ ନେଇଥିବା ୱାଟ୍‌କୋ ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି କରିଥିଲା। କାରଣ ପଟ୍ଟାପୋଲଠାରୁ ଆରମ୍ଭ ହୋଇଥିବା ବକ୍ସଡ୍ରେନ୍ କାର୍ଯ୍ୟ ଛତ୍ରବଜାର ପର୍ଯ୍ୟନ୍ତ ଆସିଲା ବେଳେ ଅନେକ ଘର ଏହି ଡ୍ରେନ୍ ପାର୍ଶ୍ୱରେ ପଡ଼ିଥିଲା। ଡ୍ରେନ୍ ପାଇଁ ଖୋଳାବେଳେ ଅନେକ ଘର ପ୍ରତି ଏହା ବିପଦ ସୃଷ୍ଟି କରିଥିଲା। ଖୋଳାଯାଉଥିବା ମେସିନ୍‌ର କମ୍ପନରେ କେତେକ ଘରର କାନ୍ଥ ଭାଙ୍ଗି ଯାଇଥିଲା ବେଳେ ଘରେ ବିରାଟ ବିରାଟ ଫାଟ ସୃଷ୍ଟି ହୋଇଥିଲା। ତେଣୁ ଘରକୁ ବିପଦରେ ନ ପକାଇ ଯେପରି ଡ୍ରେନ୍ ଖୋଳିହେବ ସେଥିପାଇଁ ଜାପାନରୁ ଏକ ସ୍ୱତନ୍ତ୍ର ମେସିନ୍ ଅଣାଯାଇଥିଲା। ୨୦୨୩ ମାର୍ଚ୍ଚରୁ ୨୫୯୦ ମିଟର ଦୀର୍ଘ ବକ୍ସଡ୍ରେନ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଥିଲା ବୋଲି ଏହାର ଦାୟିତ୍ୱରେ ଥିବା ୱାଟ୍‌କୋ ଡ୍ରେନେଜ୍ ଡିଭିଜନ୍ ମ୍ୟାନେଜର୍ ବିଜୟ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଫରେଷ୍ଟ ପାର୍କରେ ସଙ୍ଗୀତ ସନ୍ଧ୍ୟା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ଶା ସରକାରଙ୍କ ସହାୟତାରେ ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ୍ ଟ୍ରଷ୍ଟ ଦ୍ୱାରା ନିବେଦିତ ଏକ ସଙ୍ଗୀତ ସନ୍ଧ୍ୟା ଭୁବନେଶ୍ୱରସ୍ଥିତ ଫରେଷ୍ଟପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବରେ ବିଜେଡିର ରାଜ୍ୟସଭା ଏମ୍‌ପି ମୁନା ଖାନ୍, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସାମାଜିକ ସୁକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ବିଷ୍ଣୁପଦ ସେଠୀ ଓ କାଦମ୍ବିନୀ ଓ କୁନିକଥା ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଙ୍ଗୀତ ସନ୍ଧ୍ୟାରେ ଭିନ୍ନକ୍ଷମ କଳାକାର ବିଶ୍ୱନାଥ, ବାଳକୃଷ୍ଣ, ବିଶ୍ୱରଞ୍ଜନ, ସାଇସ୍ମିତା, ପ୍ରଶାନ୍ତ, ଅମୀୟ କୁମାର, ଜୁଲି ଜେନା, କାହ୍ନୁ ସାଠୁଆ, ମିନାକ୍ଷୀ ଜଗତ, ଟାପୁରା ହେମ୍ବ୍ରମ୍, ଅନାଦି ବାରିକ ଓ ମାଳତୀ ହେମ୍ବ୍ରମ୍ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ସୀତାଂଶୁ ଶେଖର ରାଉତଙ୍କ ସଙ୍ଗୀତ ପରିଚାଳନାରେ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ମିନତୀ ମଲ୍ଲ ମଞ୍ଚ ପରିଚାଳନା କରିଥିଲେ।

# ଲ' ଅଫିସରଙ୍କ ୫୦% ଫି' ବୃଦ୍ଧି କଲେ ରାଜ୍ୟ ସରକାର

**ଭୁବନେଶ୍ୱର**

ରାଜ୍ୟର ଲ ଅଫିସରଙ୍କ ୫୦% ଫି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମକଦ୍ଦମା ପରିଚାଳନା କରୁଥିବା ନନ୍ କ୍ୟାଡର ଲ ଅଫିସରଙ୍କ ଦୈନିକ ଓ ରିଟେନର ଫି ୫୦% ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ ଜଣ ଲ ଅଫିସର ଉପକୃତ ହେବେ।

ଏହି ବର୍ଦ୍ଧିତ ଫି ଅନୁଯାୟୀ କାର୍ଯ୍ୟରତ ୧୮୪ ଜଣ ଏପିପି ମାନେ ଦୈନିକ ୧୨୫୦ ଟଙ୍କା ପାଉଥିବା ବେଳେ ଏବେ ଏହା ବୃଦ୍ଧି ହୋଇ ୧୮୭୫ ଟଙ୍କା ହୋଇଛି। ସେହିଭଳି ରିଟେନର ଫି ପୂର୍ବରୁ ୮୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୭୪୦ ଜଣ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟରମାନେ ପୂର୍ବରୁ ଦୈନିକ ଫି ୧୧୦୦ ଟଙ୍କା ପାଉଥିବା ବେଳେ ଏବେ ୧୬୫୦ ଟଙ୍କା ପାଇବେ ରିଟେନର ଫି ପୂର୍ବରୁ ୪ ହଜାର ଟଙ୍କା ଥିବା ବେଳେ ଏବେ ୬ ହଜାର ଟଙ୍କାକୁ ବୃଦ୍ଧି ପାଇଛି।

ସେହିଭଳି ୮୫ ଜଣ ଏସପିପିମାନେ ପୂର୍ବରୁ ଦୈନିକ ୧୨୫୦ ଟଙ୍କା ପାଉଥିବା ବେଳେ ଏବେ ୧୮୭୫ ଟଙ୍କା ପାଇବେ। ରିଟେନର ଫି ବାବଦକୁ ୮୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୨୯ ଜଣ ସରକାରୀ ଓକିଲ ଏବଂ ୧୧୩ ଜଣ ସହକାରୀ ସରକାରୀ ଓକିଲ ପୂର୍ବରୁ ରିଟେନର ଫି ବାବଦକୁ ୮୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨୩୦୦ ଟଙ୍କା ପାଇବେ।



# ମାଓ ଗଡ଼ରେ ପୁଲିସର ଜନ ସମ୍ପର୍କ କାର୍ଯ୍ୟକ୍ରମ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଭେନସ ଠାରେ ପୁଲିସ ପ୍ରଶାସନ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୁଲିସ ପ୍ରଶାନର ତତ୍ତ୍ୱାବଧାନରେ ତଥା ରାଇଘର ପୁଲିସ ପକ୍ଷରୁ ହଳଦୀ ପଞ୍ଚାୟତର ଭେନସ୍ ଠାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା ଯୋଗ ଦେଇ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉମରକୋଟ ଏସ୍‌ଡିପିଓ ମଧୁଶିକୁ ମିଶ୍ର ଯୋଗ ଦେଇ ବିଭିନ୍ନ ସମୟରେ ହେଉଥିବା ଅପରାଧଗୁଡ଼ିକ ଠାରୁ ଦୂରେଇ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।




ଏହି ଅବସରରେ ପାଟିଆସିଲ୍, ଭେନସ୍, ମାଝିପଖନା ଓ ସ୍କୁଲପାରା ମଧ୍ୟରେ ଭଲିବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିବା ବେଳେ ୱିନର୍ସ ଭାବେ ପାଟିଆସିଲ ଦଳକୁ ଓ ରନର୍ସଅପ ଭାବେ ମାଝିପଖନା ଦଳକୁ ପୁରସ୍କୃତ କରାଯାଇଥିଲା। ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ସମସ୍ତଙ୍କୁ ପେନ, ପେନସିଲ, ଖାତା, କମ୍ପାସ୍ ଆଦି ଜିନିଷ ପ୍ରଦାନ କରାଯାଇଥିଲା। ଏଥିସହିତ ଏହି ଅବସରରେ କମ୍ବଳ, ସାଲ, ଲାଇଟ, ଛତା, ଟୋପି, ବାଦ୍ୟଯନ୍ତ୍ର ଓ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା : ଆସାମୀକୁ ୨୦ ବର୍ଷ ଜେଲ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଜଣେ ନାବାଳିକାକୁ ନିଜ ଦୋକାନ କେବିନ ଭିତରେ ଅସାଦାଚରଣ ଓ ଘର ଭିତରେ ଦୁଷ୍କର୍ମ ଉଦ୍ୟମ କରିଥିବା ଆସାମୀ ବାବିନି ମଳିକକୁ ଜିଲ୍ଲା ପୋକ୍ସୋ ଜଜ୍ ତ୍ରିବିକ୍ରମ କେଶରୀ ଚିନାରା ୨୦ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, କୁଦାନଗରୀ ଥାନା ଅନ୍ତର୍ଗତ ନଡ଼ିଆ ବରେଇ ଗ୍ରାମର ଜଣେ ମାର୍ବଲ ମିସ୍ତ୍ରୀ ବିଭିନ୍ନ ଅଞ୍ଚଳରେ କାମ କରୁଥିବାରୁ କପାଳେଶ୍ୱର ଗ୍ରାମରେ ଆସାମୀଙ୍କ ଘର ନିକଟରେ ଘରଭଡ଼ା ନେଇ ରହୁଥିଲେ। ୧୩.୦୪.୨୦୨୩ ସକାଳେ ମିସ୍ତ୍ରୀ କାମକୁ ଗଲାବେଳେ ତାଙ୍କ ନାବାଳିକା ଝିଅ ମା' ସାଙ୍ଗରେ ବାପାକୁ ଛାଡ଼ିବାକୁ ଆସେ। ମା' ନଥିବାର ସୁଯୋଗ ନେଇ ଆସାମୀ ନାବାଳିକାକୁ ନିଜ କେବିନ ଭିତରକୁ ଡାକି ନେଇ ଚକଲେଟ ଓ ଜଲ୍‌ଜିରା ଦେଇ ତାକୁ ଅସାଦଚାରଣ କରିବା ସହିତ କାହାରିକୁ ପ୍ରକାଶ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ସେହିଦିନ ସକାଳ ୧୦ଟା ବେଳେ ନାବାଳିକାର ମା' ଘଟଣା ବିଷୟରେ କିଛି ନଜାଣି ନାବାଳିକାକୁ ଆସାମୀ ଘରେ ଛାଡ଼ି ସ୍କୁଲକୁ ବହି ଆଣିବାକୁ ଯାଇଥିଲେ। ପୁନର୍ବାର ଏହାର ସୁଯୋଗ ନେଇ ଆସାମୀ ନାବାଳିକାକୁ ନିଜ ଘର ଭିତରକୁ ଡାକିନେଇ ସେଠାରେ ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ସହିତ ନାନା ପ୍ରକାର ଯୌନ ନିର୍ଯାତନା ଦେଇଥିଲା। ନାବାଳିକା ନିଜ ଘରକୁ ଆସି ମା' ଆଗରେ ସବୁ କଥା ପ୍ରକାଶ କରିବା ପରେ ଭୟଭୀତ ହୋଇ ନାବାଳିକାର ପରିବାର ନିଜ ଗ୍ରାମ ନଡ଼ିଆ ବରାଇକୁ ପଳାଇଥିଲେ। ସେଠାରେ ରହିବା ପରେ ସେ ସଦର ଥାନାକୁ ଆସି ଏତଲା ଦେବାପରେ ସଦର ଥାନା ଅଧିକାରୀ ୩୨୪/୨୩ରେ ଏକ ମାମଲା ରୁଜୁ କରି ଆସାମୀକୁ ଗିରଫ କରିଥିଲେ। ବିଚାରପତି ଚିନାରା ଜିଆର କେଶ ନଂ-୩୯/୨୦୨୩ର ବିଚାର କରି ୧୦ ଜଣଙ୍କର ସାକ୍ଷ୍ୟ ପ୍ରମାଣ ଗ୍ରହଣ କଲାପରେ ଆସାମୀ ବାବିନି ମଳିକକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଆଉ ଏକ ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ମାମଲାକୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ସାହୁ ପରିଚାଳନା କରୁଥିଲେ।

# ଓଡ଼ିଶାର ପରିବର୍ତ୍ତନ, ପ୍ରଗତି ଏବଂ ବିକାଶର ପ୍ରତିନିଧିତ୍ୱ କରୁଛି 'ଶଙ୍ଖ' : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ପାଇଁ ବିଜେଡି ଦଳର ଚିହ୍ନ 'ଶଙ୍ଖ' ଓଡ଼ିଶାର ପରିବର୍ତ୍ତନ, ପ୍ରଗତି ଓ ବିକାଶର ପ୍ରତିନିଧିତ୍ୱ କରୁଛି। ରାଜ୍ୟବାସୀ ବିଜେଡିର ଚିହ୍ନ 'ଶଙ୍ଖ'କୁ ନିଜର ପ୍ରତୀକ ଭାବେ ଚିହ୍ନିଥାନ୍ତି, ଯାହା ସେମାନଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସଶକ୍ତୀକରଣର ପ୍ରତୀକ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା। ଶ୍ରୀ ପଣ୍ଡା ଏଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଶଙ୍ଖ ଚିହ୍ନ ଉପରେ କୋଟି କୋଟି ଲୋକଙ୍କ ଭଲପାଇବା, ବିଶ୍ୱାସ ଓ ଭରସା ଥିବାରୁ ଏହାର ବ୍ୟବହାର ପ୍ରତି ବିଜେଡି ସଚେତନ ରହିଛି। ଆମ ଦଳର ଚିହ୍ନ ଶଙ୍ଖ କୌଣସି ସରକାରୀ କାର୍ଯ୍ୟକ୍ରମ କିମ୍ବା ଯୋଜନାରେ ବ୍ୟବହୃତ ହୋଇଥିବା ଆମ ନଜରକୁ ଆସିନାହିଁ। ଯଦି ଏହା ହୋଇଥାନ୍ତା, ତେବେ ଆମେ ପ୍ରଥମେ ଏହାର ପ୍ରତିବାଦ କରିଥାନ୍ତୁ।

ଓଡ଼ିଶା ବିଜେପି କ'ଣ କହିବାକୁ ଚାହୁଁଛି ଯେ ଜି-୨୦ ଲୋଗୋରେ, ପିଡିଏସ୍ ରାସନ ରସିଦରେ, ଆୟୁଷ୍ମାନ ଭାରତ ଲୋଗୋ, ଉଜ୍ଜ୍ୱଳା ଯୋଜନା ଲୋଗୋ ଓ ଅମୃତ ଯୋଜନା ଲୋଗୋରେ ବ୍ୟବହୃତ ହେଉଥିବା ପଦ୍ମ ଫୁଲ ସେମାନଙ୍କ ଦଳୀୟ ଚିହ୍ନ ଏବଂ ସେଥିପାଇଁ ସେମାନେ ଭାବୁଛନ୍ତି ଯେ ଅନ୍ୟତ୍ର ମଧ୍ୟ 'ଶଙ୍ଖ' ଚିହ୍ନ ବ୍ୟବହାର କରାଯାଉଛି ? ଆମେ ଓଡ଼ିଶା ବିଜେପିକୁ ଅନୁରୋଧ କରୁଛୁ ଯେ ସେମାନେ ନିଜର ସଂକୀର୍ଣ୍ଣ ମାନସିକତାରୁ ଦୂରେଇ ରୁହନ୍ତୁ ଏବଂ 'ଶଙ୍ଖ' ଚିହ୍ନ ଭଳି ଅଣପ୍ରସଙ୍ଗ ନଉଠାଇ ଓଡ଼ିଶାବାସୀଙ୍କ ପାଇଁ କିଛି ଭଲ ଦିଗରେ କାର୍ଯ୍ୟ କରନ୍ତୁ।

ଓଡ଼ିଶାକୁ ନବୀନ ଓଡ଼ିଶା, ନୂଆ ଓଡ଼ିଶାରେ ପରିଣତ କରିବାକୁ ବିଜେଡି ପ୍ରତିଶ୍ରୁତିବଦ୍ଧ ଏବଂ ଏଭଳି ଅଣ-ପ୍ରସଙ୍ଗ ଉଠାଇ ଓଡ଼ିଶା ବିଜେପି ରାଜ୍ୟର ବିକାଶ ଦିଗରେ ନିଜର ଉଦ୍ଦେଶ୍ୟର ଅଭାବ ଥିବା ପ୍ରଦର୍ଶିତ କରୁଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାବା ସାହେବ...

ବସ୍ ଟର୍ମିନାଲ ଓଡ଼ିଶା ସରକାର ନାମିତ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ବାବା ସାହେବଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏହା ହେଉଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବାବା ସାହେବଙ୍କ ଅବଦାନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବସ ଟର୍ମିନାଲ ଭିତରେ ବାବା ସାହେବଙ୍କ ଜୀବନ ଓ ଆଦର୍ଶ ଉପରେ ଆଧାରିତ ଏକ ଗ୍ୟାଲେରୀ ମଧ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ୫-ଟି ଉପକ୍ରମରେ ହୋଇଥିବା ଏହି ବସ୍ ଟର୍ମିନାଲ ବସ୍ ମାଲିକ, ବ୍ୟବସାୟୀ, ଯାତ୍ରୀ ତଥା ସମସ୍ତ ଜନସାଧାରଣଙ୍କ ସହଯୋଗରେ ନିର୍ମିତ ହୋଇଛି। ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ସେଥିପାଇଁ ଧନ୍ୟବାଦ ଜଣାଇ କହିଥିଲେ ଯେ ଏହି ବସ୍ ଟର୍ମିନାଲରେ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି। ଏଠାରେ ଜରୁରୀ କାଳୀନ ଚିକିତ୍ସାଠାରୁ ଆରମ୍ଭ କରି ବ୍ୟବସାୟିକ କମ୍ପ୍ଲେକ୍ସ, ଏସ୍କାଲେଟର, ଲିଫ୍ଟ, ପ୍ରତୀକ୍ଷାଳୟ, ପୋଲିସ୍ ଫାଣ୍ଡି, ଡ୍ରାଇଭରମାନଙ୍କ ବିଶ୍ରାମ କକ୍ଷ, ଆହାର କେନ୍ଦ୍ର, ଫୁଡ କୋର୍ଟ ଆଦି ସମସ୍ତ ସୁବିଧା ରହିଛି। ଏୟାରପୋର୍ଟ ଭଳି ଯାତ୍ରୀମାନେ ଏଠାରେ ସବୁ ସୁବିଧା ପାଇ ପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଏହି ବସ୍ ଟର୍ମିନାଲର ଉପଯୁକ୍ତ ରକ୍ଷଣାବେକ୍ଷଣରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ପତାକା ଦେଖାଇ ବସ୍ ଚଳାଚଳର ଶୁଭାରମ୍ଭ କରିବା ସହିତ ଆହାର କେନ୍ଦ୍ରରେ ଯାତ୍ରୀମାନଙ୍କୁ ଖାଦ୍ୟ ପରସିଥିଲେ ମୁଖ୍ୟମନ୍ତ୍ରୀ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ ବୈଷୟିକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ ଭୁବନେଶ୍ୱରର ବିକାଶରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଲା। ପରିବହନ କ୍ଷେତ୍ରରେ ଯାହା ଆମ ପାଇଁ ସ୍ୱପ୍ନ ଥିଲା, ତାହା ଆଜି ପୂରଣ ହେଲା। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପସ୍ଥିତ ଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିଲେ ଓ ବି.ଡି.ଏ ଭି.ସି ବଲଓ୍ୱନ୍ତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମା ସଶକ୍ତ...

ଉନ୍ନତିକୁ ଚରିତାର୍ଥ କରିବା ବ୍ରହ୍ମାକୁମାରୀର ଆତ୍ମଜ୍ଞାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ରଘୁବର ଦାସ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବ୍ରହ୍ମାକୁମାରୀ ସେବାରେ ନାରୀମାନଙ୍କୁ ଅଗ୍ରାଧିକାର ଦେବା ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି। ଯେଉଁ ସମୟରେ ନାରୀମାନଙ୍କର କୌଣସି ପ୍ରକାର ସମ୍ମାନ ବା ଅଧିକାର ନଥିଲା, ସେ ସମୟରେ ପ୍ରଜାପିତା ବ୍ରହ୍ମାଈଶ୍ୱରୀୟ ସେବା ଆରମ୍ଭ କରି, ସେବାର ସମ୍ପୂର୍ଣ୍ଣ ଦାୟିତ୍ୱ ନାରୀମାନଙ୍କ ହାତରେ ଅର୍ପଣ କରିଥିଲେ। ଆଜି ବି ନାରୀମାନଙ୍କୁ ସଶକ୍ତ କରି ଆଗକୁ ବଢ଼ାଇବାର ଏହି ପଦକ୍ଷେପର ପ୍ରାସଙ୍ଗିକତା ଯଥେଷ୍ଟ ରହିଛି ବୋଲି ରାଜ୍ୟପାଳ ଓ କୃଷିମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଆଜିର ଏହି ସୁନ୍ଦର ସମାବେଶ ବ୍ରହ୍ମାକୁମାରୀ ସେବାକୁ ଆଗକୁ ବଢିବାକୁ ଆହୁରି ଉତ୍ସାହ ଦେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏହି କାର୍ଯ୍ୟକ୍ରମ ଆଗାମୀ ୨ ଦିନ ଧରି ଚାଲିବ। ଫୁଲନଖରା ନିକଟ ଓମ୍‌ଫେଡ ପଡିଆରେ ଶନିବାର ୪୭ଜଣ ବ୍ରହ୍ମାକୁମାରୀ ଭଉଣୀ ଈଶ୍ୱରୀୟ ସେବାରେ ସମର୍ପିତ ହୋଇଛନ୍ତି। ସମର୍ପିତ ଭଉଣୀମାନେ ଆଜୀବନ ବ୍ରହ୍ମଚାରିଣୀ ରହି ଈଶ୍ୱରୀୟ ସେବାରେ ନିୟୋଜିତ ହେବେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସେବା ୧୯୩୭ ମସିହାରେ ଆରମ୍ଭ ହୋଇଥିବା ବେଳେ, ରାଜ୍ୟରେ ଏହି ସେବା ୧୯୭୩ ମସିହାରେ ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେସ ଦିଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା।

## ୫ରେ ଓଡ଼ିଶା...

ପ୍ରସ୍ତୁତି ନେଇ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ଶୁକ୍ରବାର ଲୋକସେବା ଭବନରେ ବରିଷ୍ଠ ପଦାଧିକାରୀ ଏବଂ ପୋଲିସ ପ୍ରଶାସନର ଉଚ୍ଚପଦସ୍ଥ ଅଫିସରଙ୍କ ସହ ସବିଶେଷ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ପହଞ୍ଚିବା ଏବଂ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ ଆନୁସଙ୍ଗିକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତାଙ୍କର ଜରୁରୀକାଳୀନ ସାମୟିକ ରହଣି ବ୍ୟବସ୍ଥା, ପ୍ରସ୍ତୁତ ହେବାକୁ ଥିବା ମଞ୍ଚର ସୁରକ୍ଷା ଯାଞ୍ଚ, କାରକେଡ୍ ବ୍ୟବସ୍ଥା, ଭିଭିଆଇପି ଯାତ୍ରା ସମୟରେ ବିଭିନ୍ନ ସେବା ପାଇଁ ଆବଶ୍ୟକ ଯାନ ବ୍ୟବସ୍ଥା, ବ୍ୟବହୃତ ହେବାକୁଥିବା ହେଲିକପ୍ଟରର ନିରାପତ୍ତା, ଚିକିତ୍ସା ବ୍ୟବସ୍ଥା ପାଇଁ ଆମ୍ବୁଲାନ୍ସ ପ୍ରସ୍ତୁତି, କାର୍ଯ୍ୟକ୍ରମ ସ୍ଥଳ ନିକଟସ୍ଥ ଡାକ୍ତରଖାନାକୁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ପୂର୍ଣ୍ଣ ପ୍ରସ୍ତୁତ ରଖିବା, ଭିଭିଆଇପିଙ୍କ ଦ୍ୱାରା ବ୍ୟବହୃତ ହେବାକୁଥିବା ସଡ଼କର ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ, ପରିମଳ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ନିଶ୍ଚିତ କରାଯିବା ସମ୍ପର୍କରେ ବୈଠକରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ଗୃହ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଏହି ସମୀକ୍ଷା ବୈଠକରେ ରାଜ୍ୟ ପୋଲିସ୍ ଡିଜି ଅରୁଣ ଷଡଙ୍ଗୀଙ୍କ ସମେତ ବରିଷ୍ଠ ଅଧିକାରୀ, ଉନ୍ନୟନ କମିଶନର ଅନୁ ଗର୍ଗ, ଘରୋଇ, ଅର୍ଥ, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ଆଦି ବିଭାଗର ସଚିବ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ତାରିଖରେ ତେଲଙ୍ଗାନା ରାଜ୍ୟରୁ କାର୍ଯ୍ୟକ୍ରମ ସାରି ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁର ଜିଲା ଚଣ୍ଡିଖୋଲ ଯାତ୍ରା କରି ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ/ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଏକ ସାଧାରଣ ସଭାରେ ଯୋଗଦେବେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଫେରିଆସି ଏଠାରୁ ବିମାନ ଯୋଗେ କୋଲ୍‌କାତା ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡିଛି।

## ୧୧୫୨ ନୂଆ ...

ପରିଶ୍ରମ ନିଜ ଚାକିରି କ୍ଷେତ୍ରରେ ଅଧିକ ଫଳବତୀ ହୋଇପାରିବ। ୫-ଟି ଉପକ୍ରମରେ ସରକାର ସବୁ କ୍ଷେତ୍ରରେ ବିକାଶ କାମକୁ ଆଗେଇ ନେଉଛନ୍ତି। ୫-ଟି ଉପକ୍ରମ ଦ୍ୱାରା ଉନ୍ନତିମୂଳକ ପ୍ରକଳ୍ପ ସ୍ୱଚ୍ଛତାର ସହ କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତଙ୍କୁ ଏହା ସଶକ୍ତ କରିବା ଉପାନ୍ତରେ ଥିବା ଶେଷ ଲୋକ ପାଖରେ ସରକାର ପହଞ୍ଚିପାରିଛନ୍ତି। ତେଣୁ ନିଷ୍ଠାର ସହ କାମ କରି ରାଜ୍ୟର ଉନ୍ନତିରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟର ଠାରେ ଆୟୋଜିତ ନିଯୁକ୍ତିପର୍ବ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ୍, ବିଭାଗୀୟ ସଚିବ ସୁଶୀଲ କୁମାର ଲୋହାନୀ ପ୍ରମୁଖ ଉପସ୍ଥିତ ଥିଲେ।

Mail I.D. - rw_cuttack@yahoo.co.in
Ph.No.0671-2440662/
Fax No.0671-2440653

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, CUTTACK

O-2704

**Cancellation of Tender Call Notice No. Tender-Online-RWD Ctc-23/2023-24 dt.09.02.2024**

Due to unavoidable circumstances the work "Construction of Transit House for JMFC Court Salipur in the District of Cuttack for the year 2023-24" (TCN Sl.No.4) of the Tender Call Notice No.Tender-Online-RWD Ctc-23/2023-24 date.09.02.2023 is here by cancelled.

Sd/- Superintending Engineer
Rural Works Division, Cuttack
OIPR-25053/11/0047/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR

Ph.No.-0674-2301787
Fax No.-0674-2300965
E Mail I.D.- eerw_bbsr@yahoo.co.in

No:-Tender – Online – BBSR Divn. – 58 Date :- 29.02.2024

O-2707

**e-Procurement NOTICE**

1. Name of the work : Special Repair of Building work
2. Total No. of Buildings : 1 No.
3. Class of contractor
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 49.98 lakh
5. Time for completion : As per annexure of TCN Column no. 07
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. - 58 | 02.03.2024 at 11.00 A.M | 07.03.2024 up to 3.30 P.M | 07.03.2024 at 4.00 P.M. |

Further details can be seen from the website www.tendersorissa.gov.in

OIPR-25066/11/0033/2324

Sd/- Superintending Engineer,
Rural Works Division BBSR

ଭୁବନେଶ୍ୱର
୦୨ ମାର୍ଚ୍ଚ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ

# ନିଜର ଶିକ୍ଷା ସମାଜର ବିକାଶ ଦିଗରେ ବିନିଯୋଗ କରନ୍ତୁ ବିଦ୍ୟାର୍ଥୀ: ରାଷ୍ଟ୍ରପତି

**ବ୍ରହ୍ମପୁର, ୧।୩:ନ୍ୟୁଜ୍‌ବ୍ୟୁରୋ**

କେବଳ ନିଜ ପାଇଁ ଜିଇଁବା କ'ଣ ଜୀବନ ଅଟେ କି ? ପର ଉପକାରରେ ଯଦି ନିଜ ଜୀବନ ନ ଲାଗିଲା ତେବେ ସେ ମନୁଷ୍ୟ ଇତର ପ୍ରାଣୀ ସହ ସମାନ। ଜ୍ଞାନ ଅର୍ଜନର କୌଣସି ଅନ୍ତ ନାହିଁ, ତେବେ ସେ ଶିକ୍ଷା ଓ ଜ୍ଞାନ ଅନ୍ୟ ପାଇଁ ଉପଯୋଗ କରିବାକୁ ହେବ। ସମାଜର ବିକାଶ ଦିଗରେ ବିଦ୍ୟାର୍ଥୀ ନିଜର ଶିକ୍ଷା ବିନିଯୋଗ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଶୁକ୍ରବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।




କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଥିଲେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବିଶ୍ୱବିଦ୍ୟାଳୟର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଆହୁରି କହିଛନ୍ତି ଯେ ଦେଶରେ ଏବେ ମହିଳା ସଶକ୍ତିକରଣର ଧାରା ପ୍ରବାହିତ ହେଉଛି। ମହିଳା ବିକାଶ ନୁହେଁ ବରଂ ମହିଳାଙ୍କ ନେତୃତ୍ୱରେ ବିକାଶ ପରିଲକ୍ଷିତ ହେଉଛି। ଦକ୍ଷିଣ ଓଡ଼ିଶା ପାରିବାରିକ କ୍ଷେତ୍ରରେ ମଧ୍ୟ ନାରୀ ନେତୃତ୍ୱ ତଥା ନାରୀଙ୍କୁ ସମ୍ମାନର ନଜିର ଦେଇ ଆସିଛି। ସାରା ଜୀବନ ଆମେ ଅଧ୍ୟୟନରତ ରହି ଜ୍ଞାନ ଅର୍ଜନ ସହ ଜୀବନସାରା ସମାଜ କଲ୍ୟାଣରେ ତାହାର ଉପଯୋଗ କରିବାର ଆବଶ୍ୟକତା ରହିଛି।

କୁଳାଧିପତି ଶ୍ରୀ ଦାସ କହିଥିଲେ ଯେ ଜୀବନ ନିରନ୍ତର ଶିକ୍ଷାର ପ୍ରକ୍ରିୟା ଅଟେ। ଗବେଷଣା ପାଇଁ ଆମେ ସର୍ବଦା ଆଗ୍ରହୀ ରହିବାକୁ ହେବ। ଏବେ ବିଶ୍ୱର ଯେଉଁ ସ୍ଥାନକୁ ଗଲେ ବି ଭାରତୀୟ କମ୍ପ୍ୟୁଟର ପ୍ରଫେସନାଲ ସେଠି ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାର ଦେଖିବାକୁ ମିଳୁଛି। ଉଚ୍ଚଶିକ୍ଷା ମନ୍ତ୍ରୀ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଉଚ୍ଚଶିକ୍ଷାର ବିକାଶର ତଥ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟରେ ବିଶ୍ୱବିଦ୍ୟାଳୟ ଏବେ ୪ରୁ ୧୭କୁ ବୃଦ୍ଧି ପାଇଛି। ରାଜ୍ୟରେ ଏବେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ନୂଆ-ଓ ଛାତ୍ରବୃତ୍ତି ପାଇଛନ୍ତି। ଉଚ୍ଚଶିକ୍ଷା ପାଇଁ ଆଉ ଅର୍ଥାଭାବ ନାଁ କୌଣସି ଅନୁଷ୍ଠାନ ନାଁ କୌଣସି ଛାତ୍ରଛାତ୍ରୀଙ୍କ ପାଇଁ ବାଧକ ହୋଇରହିନି ବୋଲି ସେ କହିଥିଲେ।

ସମାବର୍ତ୍ତନ ଉତ୍ସବରେ ଜଣକୁ ଡି.ଏସ୍‌ସି, ୩ ଜଣଙ୍କୁ ଡି.ଲିଟ୍, ୪୩ ଜଣଙ୍କୁ ପିଏଚ୍‌ଡି ଉପାଧି ଓ ୩୫ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି।

## ଆସନ୍ତା ୫ ତାରିଖରୁ ମାଲକାନଗିରିରୁ ଉଡ଼ିବ ବିମାନ




**ଭୁବନେଶ୍ୱର, ୧।୩:ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ଖୁସି ଖବର। ଆସନ୍ତା ୫ ତାରିଖରୁ ମାଲକାନଗିରି ବିମାନ ବନ୍ଦରରୁ ଉଡ଼ିବ ବିମାନ। ଏନେଇ ସୂଚନା ଦେଲେ ଏୟାର ଓ୍ୱାନ ବିମାନ ଅଧିକାରୀ। ଶୁକ୍ରବାର ପୁଣି ଥରେ ମାଲକାନଗିରି ବିମାନ ବନ୍ଦରରେ ଟ୍ରାଏଲ ରନ କରାଯାଇଥିଲା। ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆର ଆଭିଏସନ ଆଡଭାଇଜର ସୁରେଶ ଚନ୍ଦ୍ର ହୋତା, କ୍ୟାପଟେନ ସବାରିଷ ଏସ୍. କୁମାର, ଏୟାରପୋର୍ଟ ସୁରକ୍ଷା ମ୍ୟାନେଜର ଗୁରିବିଲ୍ଲି ଓ ଏୟାର୍ ଓ୍ୱାନ ବିମାନ ମ୍ୟାନେଜର ସମ୍ବିଦ କୁମାର ନାୟକ ପ୍ରମୁଖ ମାଲକାନଗିରି ବିମାନ ବନ୍ଦରରେ ଅବତରଣ କରି ରନ୍ ଓ୍ୱେ ଓ ଟର୍ମିନାଲ୍ ତଦାରଖ କରିଥିଲେ। ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଖୁବଶୀଘ୍ର ଏଠାରୁ ଯାତ୍ରୀବାହୀ ବିମାନ ଚଳାଚଳ କରିବା ନେଇ ସୂଚନା ଦେଇଛନ୍ତି।




ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସଠାରେ ସ୍ପୋର୍ଟସ ଷ୍ଟାରଙ୍କ ଦ୍ୱାରା ହକି ବିଶ୍ୱକପ କଫି ଟେବୁଲ ବୁକ୍ ରିଲିଜ୍ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

### ଗଣଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି

# ଓଟିଇଟି ପାସ୍ କରିଥିବା ଗଣଶିକ୍ଷକ ହେବେ ନିୟମିତ

**ଭୁବନେଶ୍ୱର, ୧।୩:ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ଗଣଶିକ୍ଷକମାନଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ୧୨,୧୧୩ ଜଣ ଗଣଶିକ୍ଷକ ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଗଣଶିକ୍ଷକମାନେ ଏଥିପାଇଁ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ପାସ୍ କରିଥିବା ଗଣଶିକ୍ଷକ ମାନଙ୍କୁ ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର) ଭାବରେ ନିୟମିତ କରାଯିବ। ଏହାଦ୍ୱାରା ରାଜ୍ୟର ୧୪୭୨ ଗଣଶିକ୍ଷକ ଉପକୃତ ହେବେ। ସେହିପରି ପାସ୍ କରିନଥିବା ଗଣଶିକ୍ଷକମାନଙ୍କ ମାସିକ ପାରିତୋଷିକ ୭ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ୧୧୨୧ ଜଣ ଗଣଶିକ୍ଷକ ଉପକୃତ ହେବେ। ଏହାସହିତ ଯେଉଁ ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ମିଳୁ ନାହିଁ, ସେମାନଙ୍କ ମଧ୍ୟରୁ ପାସ୍ କରିଥିବା ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର) ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ଏହାଦ୍ୱାରା ୯୫୨୦ ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର) ଉପକୃତ ହେବେ।

### ।। କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳା ।।

# ବିକଶିତ ଭାରତ ନିର୍ମାଣରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧।୩:ନ୍ୟୁଜ୍‌ବ୍ୟୁରୋ**

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ନିର୍ମାଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେଉଁ ଲକ୍ଷ୍ୟ ରହିଛି ସେଥିରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର କହିଛନ୍ତି। ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ନଲେଜ୍ ଟ୍ରି ବକ୍ତୃତାମାଳାରେ ବକ୍ତୃତା ପ୍ରଦାନ କରି ଶ୍ରୀ ମିଶ୍ର କହିଲେ କିଟ୍ ଓ କିସ୍ ପରିଦର୍ଶନ ମୋତେ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିଛି। ଏଠାରେ ଅନ୍ତର୍ଭୁକ୍ତିକରଣ ଓ ସମ୍ଭାବ୍ୟ ବିବିଧତାକୁ ଗୁରୁତ୍ୱ ପ୍ରଦାନ କରାଯିବା ଖୁସିର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ପ୍ରକୃତି ଓ ସଂସ୍କୃତିର ଯତ୍ନ ଉପରେ ଗୁରୁତ୍ୱ ପ୍ରଦାନ କରିଆସୁଥିବା ବେଳେ ଏହା କିଟ୍ ଓ କିସ୍‌ରେ ଦେଖିବାକୁ ମିଳିଛି। ଜନଜାତି ସଂସ୍କୃତିର ସଂରକ୍ଷଣ, ସୁରକ୍ଷା ଓ ପ୍ରୋତ୍ସାହନ ଦିଗରେ କିସ୍‌ର କାର୍ଯ୍ୟ ପ୍ରଶଂସନୀୟ ବୋଲି ସେ କହିଥିଲେ। ବିକଶିତ ଭାରତ ନିର୍ମାଣ ପାଇଁ କ୍ଷେତ୍ର ପ୍ରସ୍ତୁତି ନିମନ୍ତେ ଯେଉଁସବୁ ଆବଶ୍ୟକତା ରହିଛି ତାହା ଗତ ୧୦ବର୍ଷ ମଧ୍ୟରେ କରାଯାଇଛି। ଆମର ଅର୍ଥନୀତି ଅଧିକରୁ ଅଧିକ ଅନ୍ତର୍ଭୁକ୍ତିକରଣ



ହେବା ଆବଶ୍ୟକ। ଭାରତର ଅଭିବୃଦ୍ଧିରେ ଯୁବଗୋଷ୍ଠୀ ବିଶେଷ କରି ଛାତ୍ରଛାତ୍ରୀ ଓ ଉଚ୍ଚଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ଏ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ରହିବା ଆବଶ୍ୟକ। ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ଚିନ୍ତାନାୟକ ଭାବେ ଉଭା ହେବାକୁ ଯାଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଗବେଷଣା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ବିଭିନ୍ନ କ୍ଷେତ୍ରରେ ଗବେଷଣା ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ବରାଦ କରାଯାଇଛି। ଉଚ୍ଚ ଶିକ୍ଷଣ ସଂସ୍ଥାନ ଓ ଗବେଷଣା ଅନୁଷ୍ଠାନଗୁଡିକ ଏହାର ଫାଇଦା ନେବା ଆବଶ୍ୟକ ବୋଲି ସେ କହିଥିଲେ। ନୂତନ ଜ୍ଞାନ କୌଶଳ କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗବେଷଣା କ୍ଷେତ୍ରରେ ପୂର୍ବ ଭାରତ ଏକ ପ୍ରମୁଖ ହବ୍ ପାଲଟିବାକୁ ଯାଉଛି। ଏ କ୍ଷେତ୍ରରେ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଏକ ଭଲ ସ୍ଥାନରେ ରହିଛି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ଶ୍ରୀ ମିଶ୍ର କହିଲେ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ ସହ ନିଜର ସାମଗ୍ରିକ ବିକାଶ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଏକ ସମୃଦ୍ଧ ଭାରତ ଗଠନ ନିମନ୍ତେ ସମାଜ ପ୍ରତି ଛାତ୍ରଛାତ୍ରୀଙ୍କ କେତେ ପରିମାଣର ଯୋଗଦାନ ରହୁଛି ସେଥିପ୍ରତି ଧ୍ୟାନ ଦେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ସେ କିସ୍ ପରିଦର୍ଶନ କରି କିସ୍ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ମିଶ୍ର କହିଲେ, ଶିକ୍ଷା ହେଉଛି ସମାଜର ମୂଳଦୁଆ। ଶିକ୍ଷା ସମସ୍ତଙ୍କୁ ସଶକ୍ତ କରିଥାଏ। ଶିକ୍ଷା ଭବିଷ୍ୟତ ମାର୍ଗକୁ ପ୍ରଶସ୍ତ କରିଥାଏ। ଛାତ୍ରଛାତ୍ରୀମାନେ ହେଉଛନ୍ତି ଭବିଷ୍ୟତ, ସେମାନେ କେବେ ବି ଶିକ୍ଷାର ମହତ୍ୱକୁ ଭୁଲିଯିବା ଉଚିତ ନୁହେଁ ବୋଲି ସେ କହିଥିଲେ।


